

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୫ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 OCTOBER 2021

Vol.No. 32 ■ No. 254 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଡ୍ରଗ୍ସ ପାର୍ଟି ମାମଲା : ୭ ପର୍ଯ୍ୟନ୍ତ ଏନସିବି ରିମାଣ୍ଡକୁ ଗଲେ ଆର୍ଯ୍ୟନ

ମୁମ୍ବାଇ,୦୪/୦୯ (ନି.ପ୍ର): କ୍ରୁଜ୍ ରେ ଡ୍ରଗ୍ସ ପାର୍ଟି ମାମଲାରେ ଗିରଫ ହୋଇଥିବା ଶାହାରୁଖ ଖାନ୍ ଙ୍କ ପୁଅ ଆର୍ଯ୍ୟନ ଖାନ୍ ଙ୍କୁ ଅକ୍ଟୋବର ୭ ପର୍ଯ୍ୟନ୍ତ ମୁମ୍ବାଇ କୋର୍ଟ ଏନସିବି ହେପାଜତକୁ ପଠାଇଛନ୍ତି। ଏହା ବ୍ୟତୀତ ଅନ୍ୟ ଦୁଇ ଅଭିଯୁକ୍ତ ଅରବାଜ୍ ସେଠ୍ ମର୍ଚାଂଟ ଏବଂ ମୁମୁନ୍ ଧାମଚାଙ୍କ ରିମାଣ୍ଡକୁ ମଧ୍ୟ ବୃଦ୍ଧି କରାଯାଇଛି । ସେମାନଙ୍କୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଏନସିବି ରିମାଣ୍ଡରେ ରହିବାକୁ ପଡ଼ିବ। କୋର୍ଟ କହିଛନ୍ତି ଯେ, ଏହି ଘଟଣାରେ ଅନୁସନ୍ଧାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସତ ଜାଣିବା ପାଇଁ ଅଭିଯୁକ୍ତଙ୍କୁ ଏନସିବିର ପଚରାଉଚରା ଜରୁରୀ। ସେଥିପାଇଁ ଅକ୍ଟୋବର ୭ପର୍ଯ୍ୟନ୍ତ ଆର୍ଯ୍ୟନ ଖାନ ଏବଂ ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତଙ୍କୁ ଏନସିବି ହେପାଜତକୁ ପଠାଯାଉଛି। ଅଦାଲତରେ ଶୁଣାଣି ସମୟରେ ଆର୍ଯ୍ୟନ ଖାନଙ୍କ ଓକିଲ ସତୀଶ ମନେଶିନ୍ଦେ ଯୁକ୍ତି କରିଥିଲେ ଯେ, ଯଦିଓ ମାମଲା ଜାମିନ ବିହୀନ, ତଥାପି ଏହାକୁ ସମର୍ଥନ କରିବା ପାଇଁ ତଥ୍ୟ ଏବଂ ପ୍ରମାଣ ରହିବା ଉଚିତ୍। ଆର୍ଯ୍ୟନଙ୍କ ହ୍ୱାଟସଆପ ଚାଟରେ ଆନ୍ତର୍ଜାତୀୟ ଡ୍ରଗ୍ ରାକେଟ୍ ସହ ଜଡିତ ତଥ୍ୟ ମିଳିବା ନେଇ ମନେଶିନ୍ଦେ କହିଛନ୍ତି ଯେ, ଏନ୍ସିବି ଅତ୍ୟଧିକ ଗୁରୁତର ଅଭିଯୋଗ କରୁଛନ୍ତି। କିନ୍ତୁ ଏନେଇ ପ୍ରମାଣ ଥିବା ଦରକାର। ଅଦାଲତ ଆର୍ଯ୍ୟନଙ୍କ ଚାଟ୍ ଦେଖିପାରିବେ। ସେଥିରେ ସେ ଡ୍ରଗ୍ ବିଷୟରେ କଥା ହୋଇନାହାନ୍ତି। ଅନ୍ୟଠାରୁ ଜବତ କରାଯାଇଥିବା ଜିନିଷ ଆର୍ଯ୍ୟନଙ୍କ ବିରୋଧରେ ବ୍ୟବହାର କରାଯାଇପାରିବ ନାହିଁ। ଉଲ୍ଲେଖ୍ୟଯୋଗ୍ୟ ଯେ ଏନସିବିର ଏକ ଟିମ୍ ଶନିବାର ସନ୍ଧ୍ୟାରେ ଗୋଆ ଅଭିମୁଖେ ଯାଉଥିବା କଣ୍ଡେଲିଆ କ୍ରୁଜ୍ ଜାହାଜ ଉପରେ ଚଢାଉ କରିଥିଲେ ଏବଂ ପାର୍ଟି କରୁଥିବା କିଛି ଯାତ୍ରୀଙ୍କଠାରୁ ଡ୍ରଗ୍ସ ମଧ୍ୟ ଉଦ୍ଧାର କରିଥିଲେ। ଏନସିବି ଶାହାରୁଖଙ୍କ ପୁଅ ଆର୍ଯ୍ୟନ୍ ସମେତ ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ୩ ଜଣଙ୍କୁ ଗିରଫ କରିଥିଲା।

ଏହା ରାମ ରାଜ୍ୟ ନୁହେଁ, ଏହା କିଲିଂ ରାଜ୍ୟ : ମମତା

କୋଲକାତା,୦୪/୦୯ (ନି.ପ୍ର): ଉତରପ୍ରଦେଶର ଲକ୍ଷ୍ମୀପୁର ଖେରୀରେ ଜଣେ କୃଷକଙ୍କ ସମେତ ୮ ଜଣଙ୍କ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ୟୁପିରେ ବିଜେପି ରାମ ରାଜ୍ୟ କଥା କହୁଛି କିନ୍ତୁ ଏହା ରାମ ରାଜ୍ୟ ନୁହେଁ, ଏହା କିଲିଂ ରାଜ୍ୟ। ଲୋକଙ୍କୁ ମାରିଦିଆଯାଉଛି ଏବଂ ସରକାର ୧୪୪ ଧାରା ଲାଗୁ କରିଦେଉଛନ୍ତି। ଟିଏମସି ମୁଖ୍ୟ ମମତା ବାନାର୍ଜୀ କହିଛନ୍ତି ଯେ ମନ୍ତ୍ରୀଙ୍କ ପୁଅ ଲକ୍ଷ୍ମୀପୁର ଖେରୀରେ ଏତେ ସଂଖ୍ୟକ ଚାଷୀଙ୍କୁ ହତ୍ୟା କରିଛି। ଆମେ ଏହାକୁ ନିନ୍ଦା କରୁଛୁ । ଉଲ୍ଲେଖନୀୟ ଯେ ଉତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଗସ୍ତକୁ ନେଇ କୃଷକମାନେ ବିରୋଧ ପ୍ରଦର୍ଶନ କରୁଥିବାବେଳେ ରବିବାର ଦିନ ଲକ୍ଷ୍ମୀପୁର ଖେରୀ ଜିଲ୍ଲାର ଟିକୋନିଆ ଅଂଚଳରେ ଘଟିଥିବା ହିଂସା ଘଟଣାରେ ୪ଜଣ କୃଷକଙ୍କ ସମେତ ଆଠ ଜଣଙ୍କର ମୃତ୍ୟୁ ଘଟିଛି। ଅଭିଯୋଗ ହୋଇଛି ଯେ କେନ୍ଦ୍ର ଗୃହ ରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଗାଡି ଚଢାଇଦେବାରୁ ହିଂସାର ସୂତ୍ରପାତ ହୋଇଥିଲା।

ଶୀତ ଋତୁ ପାଇଁ ବିଏମସିର କଡା ଗାଇଡ୍ ଲାଇନ୍

ବିବାହ, ବ୍ରତରେ ୫୦ ଲୋକଙ୍କୁ ଅନୁମତି

ଭୁବନେଶ୍ୱର,୦୪/୦୯ (ନି.ପ୍ର): ଏଣିକି ଭୁବନେଶ୍ୱରରେ ବିବାହ, ବ୍ରତଘର, ଶୁଦ୍ଧିକାର୍ଯ୍ୟ ଆଦି ସାମାଜିକ କାର୍ଯ୍ୟରେ ସର୍ବାଧିକ ୫୦ ଜଣଙ୍କୁ ଅନୁମତି ମିଳିବ। ଗାଇଡଲାଇନ ଉଲ୍ଲଂଘନ ହେଲେ ଆୟୋଜକ ଓ ହଲ୍ ମାଲିକ ଦାୟୀ ହେବେ। ଆଗକୁ ଶୀତ ଋତୁ ଆସୁଥିବାରୁ କୋଭିଡ୍ କଟକଣାକୁ କଡ଼ାକଡି କରିଛି ବିଏମସି। ଉଲ୍ଲେଖ୍ୟଯୋଗ୍ୟଯେ ଗତମାସରେ କାଭିଡ୍ ଗାଇଡ୍ ଲାଇନ୍ କୁ କୋହଳ କରାଯାଇ ସାମାଜିକ ଉତ୍ସବରେ ୨୫୦ ଲୋକଙ୍କୁ ଅନୁମତି ଦିଆଯାଇଥିଲା। ବିଏମସିର ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ସାମାଜିକ କାର୍ଯ୍ୟ ପାଇଁ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିବ। ଶାରୀରିକ ଭାବେ ଅସୁସ୍ଥ ବ୍ୟକ୍ତି କାର୍ଯ୍ୟକ୍ରମରେ ଭାଗ ନେବେ ନାହିଁ। ବୟସ୍କ, ଗର୍ଭବତୀ ମହିଳା , ୧୦ ବର୍ଷରୁ କମ୍ ଶିଶୁ ଙ୍କୁ ମଧ୍ୟ ଉତ୍ସବରେ ସାମିଲ ନହେବାକୁ କୁହାଯାଇଛି। ଉତ୍ସବ ସ୍ଥଳର ପ୍ରବେଶ ପଥରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ଓ ହାତଧୁଆର ବ୍ୟବସ୍ଥା ଆୟୋଜକ କରିବେ। ଖାଇବା ସମୟ ବ୍ୟତୀତ ସବୁ ସମୟରେ ମାସ୍କ ବ୍ୟବହାର ଓ ୬ ଫୁଟ୍ ର ସାମାଜିକ ଦୂରତା ବାଧ୍ୟତାମୂଳକ ହେବ। ଉତ୍ସବ ହଲ୍ ମଧ୍ୟରେ ଛେପ ପକାଇବା ଏବଂ ପାନ ଗୁଟଖା ସେବନକୁ ବାରଣ କରାଯାଇଛି ।

ଗ୍ୟାଙ୍ଗଷ୍ଟର ହାଇଦରର ପୁଅକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,୦୪/୦୯(ନି.ପ୍ର): ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନ୍ନାକୁ ଆଜୀବନ କାରାଦଣ୍ଡ । ଆଳିରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା ମାମଲାରେ ଦଣ୍ଡାଦେଶ ଶୁଣାଇଛନ୍ତି ଜିଲ୍ଲା ଦୌରା ଜଜ । ୧୧ବର୍ଷ ଧରି ବିଚାରଧିନ କଏଦୀ ଭାବେ ଜେଲରେ ଥିଲା ମୁନ୍ନା । ଗ୍ୟାଙ୍ଗଷ୍ଟର ହାଇଦରର ବଡ ପୁଅ ସେକ କାଦିର ଓରଫ ମୁନ୍ନାକୁ ଆଜୀବନ କାରାଦଣ୍ଡ ଦିଆଯାଇଛି । ୨୦୧୧ମସିହାରେ ଆଳିରେ ଜଣେ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଏହି ମାମଲାର ରାୟ ଶୁଣାଇ କାରାଦଣ୍ଡାଦେଶ ଶୁଣାଇଛନ୍ତି ଜିଲ୍ଲା ଦୌରା ଜଜ କୋର୍ଟ । ସେ ୧୧ବର୍ଷ ହେବ ବିଭିନ୍ନ ଜେଲରେ ବନ୍ଦୀ ଜୀବନ ବିତାଉଥିଲା ।

କମିଶନରେଟ ପୋଲିସ ହାତରେ କୁଖ୍ୟାତ ଚୋର: ୩୫ ବର୍ଷରେ କରିଛି ୫୦୦ ଚୋରି

ଭୁବନେଶ୍ୱର,୦୪/୦୯(ନି.ପ୍ର): କମିଶନରେଟ ପୋଲିସ ହାତରେ ଧରାପଡିଛି କୁଖ୍ୟାତ ଲୁଟେରା ହେମନ୍ତ ଦାସ । ରାଜ୍ୟ ଓ ରାଜ୍ୟ ବାହାରେ ୫୦୦ଟି ଚୋରି କରିଛି ହେମନ୍ତ । କମିଶନରେଟ ପୋଲିସ ଅଧିନରେ ତା ନାଁରେ ରହିଛି ଶତାଧିକ ମାମଲା । ଲୁହାରଡ ବ୍ୟବହାର କରି ବିଭିନ୍ନ ଜାଗାରେ ଚୋରି କରୁଥିଲା ହେମନ୍ତ । ଆଜି କଟକରୁ ଚୋରି କରୁଥିବା ବେଳେ ହେମନ୍ତଙ୍କୁ ଧରିଲା ସ୍ପେଶାଲ ସ୍କ୍ୱାର୍ଡ । ହେମନ୍ତ ଚୋରି କରି ୪ ରୁ ୫ କୋଟି ଟଙ୍କା ରୋଜଗାର କରିଥିବା ପୁଲିସ ପାଖରେ କହିଛି । ଲୁହା ରଡ଼ ସାହାଯ୍ୟରେ ସେ ବିଭିନ୍ନ ଜାଗାରେ ଚୋରି କରୁଥିଲା । ଏହା ସହ ଚୋରି ଟଙ୍କାରେ ବିଭିନ୍ନ ଦେଶ ବୁଲି ବିଳାସମୟ ଜୀବନ ବିତାଉଥିଲା । ଭୁବନେଶ୍ୱରର ଲିଙ୍ଗରାଜ ଅଞ୍ଚଳରେ ହେମନ୍ତରା ଘର ହୋଇଥିବାବେଳେ ଚୋରି ଟଙ୍କାରେ ସୁନ୍ଦରୀ ଯୁବତୀମାନଙ୍କ ସହ ହେମନ୍ତ ହୋଟେଲରେ ରହୁଥିଲା ।

ପିସିସି ସଭାପତି ପଦରୁ ନିରଞ୍ଜନଙ୍କ ଇସ୍ତଫା ନେଇ ଚର୍ଚ୍ଚା

ଭୁବନେଶ୍ୱର,୦୪/୦୯(ନି.ପ୍ର): ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକ ଇସ୍ତଫା ଦେଇଥିବା ଚର୍ଚ୍ଚା ଜୋର ଧରୁଥିବା ବେଳେ ପୁଣିଥରେ ରାଜ୍ୟ କଂଗ୍ରେସ, ମୁରବୀ ବିହୀନ ହେବା ଭଳି ସ୍ଥିତି ଉପୁଜିଛି । ଅନ୍ୟପଟେ କିଛି ଅସନ୍ତୁଷ୍ଟ ନେତା, ନେତୃତ୍ୱ ପରିବର୍ତ୍ତନ ପାଇଁ ହାଇକମାଣ୍ଡଙ୍କ ନିକଟରେ ଲବି ସିନା କରୁଛନ୍ତି, ହେଲେ ପରବର୍ତ୍ତୀ ପିସିସି ମୁଖ୍ୟ କିଏ ହେବ,ସେ ନେଇ କାହା ପାଖରେ କିଛି ଖବର ନାହିଁ । କିନ୍ତୁ ପରସ୍ପର ଭିତରେ ଚାଲିଛି ଗୋଡ ଟଣାଟଣି । ତେବେ ଯେଉଁସବୁ ନେତାଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି କିମ୍ବା ଯେଉଁମାନେ ପିସିସି ମୁଖ୍ୟ ହେବାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଲବି କରୁଛନ୍ତି । ସେମାନଙ୍କ ଠାରେ କେତେ ସାଙ୍ଗଠନିକ ଦକ୍ଷତା ରହିଛି, ତାହା ଉପରେ ମଧ୍ୟ କଂଗ୍ରେସ କର୍ମୀଙ୍କ ମନରେ ସନ୍ଦେହ ରହିଛି । ସବୁ ନେତାଙ୍କୁ ଏକାଠି କରି ଦଳକୁ ଆଗକୁ ନେବା ଭଳି ଦକ୍ଷତା ମଧ୍ୟ ନଜରକୁ ଆସିନାହିଁ । ଏହି ନେତାମାନଙ୍କ ବିରୋଧରେ ବି ଅନେକ ସମୟରେ ଓଡ଼ିଶାରୁ ନେତା କର୍ମୀ ଯାଇ ଦିଲ୍ଲୀରେ ଫେରାଦ ହୋଇଛନ୍ତି । ଯଦି ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ପଦ ଛାଡିଦିଅନ୍ତି , ତେବେ ଦଳ କିପରି ଆଗକୁ ଯିବ ? ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ପ୍ରତି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ ଆଉ ଏଭଳି ସମୟରେ ବିନା ମୁଖିଆରେ କଂଗ୍ରେସ ଆଗକୁ ଯାଉଛି । ଉଭୟ ବିଜେଡି ଓ ବିଜେପି, ପଞ୍ଚାୟତ ପ୍ଲାନ୍ ପ୍ରସ୍ତୁତ କରି ତୃଣମୂଳ ସ୍ତରରେ କାମ ଆରମ୍ଭ କରିଦେଲେଣି । ହେଲେ କଂଗ୍ରେସ ନେତା ଗୋଷ୍ଠିକନ୍ଦଳ ଭିତରେ ମାତିଛନ୍ତି । ତେଣୁ ଦଳ ମୁଖିଆ ବିହୀନ ହୋଇଯାଇଛି । ଏବେ ଦେଖିବାର କଥା, କାହା ସପକ୍ଷରେ ଦିଲ୍ଲୀ ଲବି ଯାଉଛି । କାହା ଉପରେ ଭରସା ରଖି ପିସିସି ଦାୟିତ୍ୱ ଦେଉଛନ୍ତି ସୋନିଆ ଗାନ୍ଧୀ ।

ଟିକସ ଠକେଇର ସବୁଠୁ ବଡ଼ ପ୍ରଘଟ : ସାରା ବିଶ୍ୱରେ ସୁନାମୀ ଆଣିଲା ପାଣ୍ଡୋରା ପେପର୍ସ

ନୂଆଦିଲ୍ଲୀ,୦୪/୦୯: ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତି ତଥା ପ୍ରତିଷ୍ଠିତ ବ୍ୟକ୍ତି ଉଲଂଘନ କରିଚାଲିଛନ୍ତି ଆଇନ । ଭାରତରେ ଅର୍ଜିତ ଟଙ୍କାକୁ ବିଦେଶରେ ବିନିଯୋଗ କରୁଛନ୍ତି । ତାହା ପୁଣି ଲୁଚାଛପାରେ । ଯୁବବର୍ଗ ଯେଉଁମାନଙ୍କୁ ଆଦର୍ଶ ଭାବୁଛନ୍ତି, ସେହି ଭଳି ବ୍ୟକ୍ତିତ୍ୱଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ । ଅନେକଙ୍କ ପସନ୍ଦର ବ୍ୟକ୍ତି ବିଶେଷଙ୍କ କଳା ସାମ୍ରାଜ୍ୟର ଖୁଲାସା ହେବାପରେ ସମସ୍ତଙ୍କ ଆଖି ଖୋସି ହୋଇଯାଇଛି । ବିଶ୍ୱର ଧନିକ ଶ୍ରେଣୀର ଗୁପ୍ତ କାରବାର ଓ ଲୁଚାଇ ରଖିଥିବା ସମ୍ପତ୍ତିର ଏଭଳି ଏକ ପର୍ଦ୍ଦାଫାସ କରିଛି ପାଣ୍ଡୋରା ପେପର୍ସ । ଏହାକୁ ବିଶ୍ୱର ପ୍ରଭାବଶାଳୀ ଓ ବିତ୍ତଶାଳୀ ଲୋକଙ୍କ କଳା ସାମ୍ରାଜ୍ୟର ପର୍ଦ୍ଦାଫାସ ବୋଲି କୁହାଯାଉଛି । ଗୋପନରେ ଧନ ରଖିବା ଓ ବେଆଇନ ଉପାୟରେ ନିବେଶ ଭଳି କାମରେ ଲିପ୍ତ ବିଶ୍ୱର ଅନେକ ନେତା, ବ୍ୟବସାୟୀ ଓ ଧନୀ ବ୍ୟକ୍ତିଙ୍କ ତାଲିକା ପାଣ୍ଡୋରା ପେପର୍ସରେ ପ୍ରକାଶ ପାଇଛି । ସଚିନ ତେନ୍ଦୁଲକର : କ୍ରିକେଟର ଭଗବାନ ▶▶ପୃଷ୍ଠା ୭

ଲଖିମ୍ପୁର ଘଟଣାର ବିରୋଧ ପ୍ରଦର୍ଶନକରି ନବଜୋତ ସିଂହ ଗିରଫ

ଚଣ୍ଡିଗଡ,୦୪/୦୯ (ନି.ପ୍ର): ଉତର ପ୍ରଦେଶର ଲଖିମ୍ପୁର ରେ ଘଟିଥିବା ହିସାକଣ୍ଡକୁ ନେଇ ସେଠାକାର ରାଜଭବନ ବାହାରେ ସୋମବାର ଦିନ ବିରୋଧ କରି ପଂଜାବର କଂଗ୍ରେସ୍ ଅଧ୍ୟକ୍ଷ ନବଜୋତ ସିଂହଙ୍କୁ ଚଣ୍ଡିଗଡ ପୋଲିସ ଗିରଫ କରିଛନ୍ତି । ଏହି ଘଟଣାରେ ସଂମ୍ପୃକ୍ତ ଥିବା ପଂଜାବର କେତେକ ବିଧାୟକ ଏବଂ ପଂଜାବ ୟୁଥ କଂଗ୍ରେସର ଅଧ୍ୟକ୍ଷ ବାରିନ୍ଦର ଢିଲୋଙ୍କୁ ମଧ୍ୟ ଧରାଯାଇଥିଲା । ସଂନ୍ଦିଗ୍ଧ ଓ ତାଙ୍କ ସାଥିରେ ଥିବା ଅନ୍ୟ ନେତା ମାନେ ହରିୟାନାର ମୁଖ୍ୟ ମନ୍ତ୍ରୀ ମନୋହର ଲାଲଙ୍କ ବୟାନ ଏବଂ କଂଗ୍ରେସ ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧିଙ୍କୁ ଗିରଫ ଓ ଉତର ପ୍ରଦେଶର ଖିରିରେ ଆନ୍ଦୋଳନକାରି କଥିତ ହତ୍ୟା ଅପରାଧ ପ୍ରଦର୍ଶନ କରୁଥିଲେ । ସେମାନେ କିସାନଙ୍କୁ ହତ୍ୟା ଅପରାଧରେ କେନ୍ଦ୍ରିୟ ମନ୍ତ୍ରିଙ୍କ ପୁଅଙ୍କୁ ଗିରଫ କରିବାକୁ ଦାବି କରୁଥିଲେ ।

୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୪/୦୯ (ନି.ପ୍ର): ପୂର୍ବ ବିହାର, ପଶ୍ଚିମବଙ୍ଗ ଏବଂ ସିକ୍କିମ୍ ଉପରେ ନିମ୍ନ ଚାପ କ୍ଷେତ୍ର ଚିହ୍ନିତ ହୋଇଛି ଏବଂ ଏହା ସମୁଦ୍ର ପତନଠାରୁ ୪.୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇରହିଛି। ଏହାର ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୯ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, କନ୍ଧମାଳ, ରାୟଗଡା, ଅନୁଗୁଳ ଓ ଢ଼େଙ୍କାନାଳ। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୫ ତାରିଖରୁ ୬ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି , କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ମେଡିସିନ୍ କ୍ଷେତ୍ରରେ ଗବେଷଣା ପାଇଁ ଡେଭିଡ୍ ଜୁଲିୟସ୍ ଓ ଆର୍ଡେମ୍ ପାଟାପୋଟିଆନଙ୍କୁ ନୋବେଲ ପୁରସ୍କାର

ନୂଆଦିଲ୍ଲୀ,୦୪/୦୯: ୨୦୨୧ ବର୍ଷ ପାଇଁ ଘୋଷଣା ହୋଇଛି ବିଶ୍ୱର ସମ୍ମାନାସ୍ପଦ ନୋବେଲ ପୁରସ୍କାର । ମେଡିସିନ୍ କ୍ଷେତ୍ରରେ ତାପମାତ୍ରା ମାପିବା ଓ ସ୍ପର୍ଶ ବିଷୟରେ ସ୍ୱତନ୍ତ୍ର ଗବେଷଣା ଯୋଗୁଁ ଆମେରିକାର ଦୁଇ ବୈଜ୍ଞାନିକ ଡେଭିଡ୍ ଜୁଲିୟସ୍ ଓ ଆର୍ଡେମ୍ ପାଟାପୋଟିଆନଙ୍କୁ ମିଳିତ ଭାବେ ନୋବେଲ ପୁରସ୍କାର ମିଳିଛି । ଉତ୍ତାପ, ଥଣ୍ଡା ଏବଂ ସ୍ପର୍ଶ ଅନୁଭବ କରିବାର କ୍ଷମତା ଶରୀର ପାଇଁ ଜରୁରୀ ଏବଂ ଆମ ଚାରିପାଖରେ ଥିବା ବିଶ୍ୱ ସହିତ ଆମର ପାରସ୍ପରିକ ସମ୍ପର୍କକୁ ଆଧାର କରେ । ଆମର ଦୈନନ୍ଦିନ ଜୀବନରେ ଆମେ ଏହି ସମ୍ବେଦନଶୀଳତାକୁ ଗ୍ରହଣ କରୁ । କିନ୍ତୁ ସ୍ନାୟୁ ପ୍ରେରଣା କିପରି ଆରମ୍ଭ ହୁଏ ଯାହା ଦ୍ୱାରା ତାପମାତ୍ରା ଏବଂ ଚାପ ଅନୁଭବ କରାଯାଇପାରିବ । ତେଣୁ ଏହି ବିଶେଷ କ୍ଷେତ୍ରରେ ଗବେଷଣା କରି ଉପରୋକ୍ତ ଦୁଇ ବୈଜ୍ଞାନିକଙ୍କୁ ମିଳିଛି ସଫଳତା । ଚଳିତ ବର୍ଷ ପାଇଁ ଏହା ନୋବେଲ କିମିଟିର ପ୍ରଥମ ଘୋଷଣା । ୨୦୨୦ ବର୍ଷ ପାଇଁ ହେପାଟାଇଟିସ୍ ସି' ଭାଇରସ୍ ଆବିଷ୍କାର ପାଇଁ ଆମେରିକୀୟ ହାର୍ଭେ ଜେ ଅଲଟର ଏବଂ ଚାର୍ଲ୍ସ ଏମ୍ ରାଇସ୍ ଏବଂ ବ୍ରିଟିଶ ବୈଜ୍ଞାନିକ ମାଇକେଲ୍ ହୁଟନ୍ ଙ୍କୁ ମେଡିସିନ୍ କିମ୍ବା ଫିଜିଓଲୋଜି ପାଇଁ ନୋବେଲ୍ ପ୍ରାଇସ୍ ପ୍ରଦାନ କରାଯାଇଛି।

ସଂଘ ବିରୁଦ୍ଧରେ ଅଶୋଭନୀୟ ଟିପ୍ପଣୀ ମାମଲାରେ ଜାଭେଦ ଅଖତାରଙ୍କ ବିରୁଦ୍ଧରେ ମାମଲା ରୁଜୁ

ମୁମ୍ବାଇ,୦୪/୦୯ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଂପର୍କରେ ଅଶୋଭନୀୟ ଟିପ୍ପଣୀ ମାମଲାରେ ମୁମ୍ବାଇ ର ମଲୁଣ୍ଡ ପୁଲିସ୍ ଷ୍ଟେସନରେ ସୋମବାର ଗୀତିକାର ଜାଭେଦ ଅଖତାରଙ୍କ ବିରୋଧରେ ଏଫ୍ ଆଇ ଆର୍ ଦିଆଯାଇଛି । ଏହା ଆଡଭୋକେଟ୍ ସଂତୋଷ ଦୁବେଙ୍କ ଦ୍ୱାରା କରାଯାଇଛି । ପୋଲିସ୍ ଅନୁସାରେ ଆଡଭୋକେଟ୍ ସଂତୋଷ ଦୁବେ ସଂଘ ବିରୋଧି ଟିପ୍ପଣି ଦେବା ଉପରେ ପୁର୍ବ ମାସରେ ଜାଭେଦ ଅଖତାରଙ୍କୁ ନୋଟିସ୍ କରିଥିଲେ । ଆଡଭୋକେଟ୍ ସଂତୋସ ଦୁବେଙ୍କ କହିବାନୁସାରେ ସେ ଗୀତିକାର ଜାଭେଦ ଅଖତାରଙ୍କୁ କ୍ଷମା ମାଗିବା ପାଇଁ କହିଥିଲେ କିନ୍ତୁ ସେ କ୍ଷମା ମାଗି ନଥିଲେ । ସେଥିପାଇଁ ସେ ମଲୁଣ୍ଡ ପୁଲିସ୍ ▶▶ପୃଷ୍ଠା ୭

ଏମଭି ୭୫ରେ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ମାଲକାନଗିରି,୪/୧୦ (ନି.ପ୍ର): ଆଜି କାଲିମେଳା ବ୍ଲକଅନ୍ତର୍ଗତ ମାନ୍ୟମକୋଣ୍ଡା ଗ୍ରାମପଂଚାୟତ ଅଧିନସ୍ଥ ଏମଭି୭୫ ଗ୍ରାମରେ ଜୟ ମା ରଟାନ୍ତି କାଳି ଫୁଟବଲ ଟୁର୍ନାମେଂଟ ର ଉଦଘାଟିତ ହୋଇଯାଇଛି ! ମାଲକାନଗିରି ର ପୁର୍ବତନ ବିଧାୟକ ମାନସ ମାଡ଼କାମି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମ୍ୟାଚ ଉଦଘାଟନ କରିଥିଲେ !ଅନ୍ୟ ତମ ଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଉତ୍ତମ ରାୟ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଟୁର୍ନାମେଂଟ ଆୟୋଜକ କମିଟି ସଭାପତି ଦିଲ୍ଲୀପ ବିସ୍ୱାସ,ଉପ ସଭାପତି ସପନ ମଜୁମ ଦାର , ବିପ୍ଳବ ବିଶ୍ୱାସ, ଅନୁପ ମିସ୍ତ୍ରୀ ,ସରପଂଚ ହରି ଗୋଲରି ସମିତି ସଭ୍ୟ ଜୟ ରାମ କୁଞ୍ଜ, ସୁବ୍ରତ ସୀଲ୍ ସହ୍ରହୁ ବୁଦ୍ଧିଜୀବୀ ଓ୍ୱରିଷ୍ଠ ନାଗରିକ ଯୋଗ ଦେଇ ଥିଲେ ! ଉଦଘାଟନି ମ୍ୟାଚ ଛତିଶଗଡ଼ର ଝୁଂଟା ଟିମ ସହ ମାଲକାନଗିରି ଜିଲ୍ଲାର କୁତୁମୁଲୁ ଗୁମ୍ମା ଟିମ ସହ ହୋଇଥିଲା ।

ଭୀମସାର ଗଭର୍ଣ୍ଣିଂ ବଡିରେ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ଉପେକ୍ଷା, ରାଜ୍ୟ ସରକାରଙ୍କ କୁତ୍ସିତ ମାନସିକତାର ପରିଚୟ: ବିଜେପି

ସମ୍ବଲପୁର,୪/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନବଗଠିତ ବୁର୍ଲା ଭୀମସାର ଗଭର୍ଣ୍ଣି ବଡିରେ ଅନେକ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଛି । କିନ୍ତୁ, ଅତି ଦୁଃଖ ଓ ପରିତାପର ବିଷୟ ଯେ ନବଗଠିତ ଗଭର୍ଣ୍ଣି ବଡିରେ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ଉପେକ୍ଷା କରାଯାଇଛି । ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଲୋକସଭା ଓ ସମ୍ବଲପୁର ବିଧାନସଭା ଅଞ୍ଚଳରେ ରହିଛି ବୁର୍ଲା ଭୀମସାର ।କିନ୍ତୁ, ଭୀମସାର ଗଭର୍ଣ୍ଣି ବଡିରେ ସମ୍ବଲପୁର ସାଂସଦ ଓ ବିଧାୟକଙ୍କୁ ସ୍ଥାନ ନ ଦେବା କେତେଦୂର ଯୁକ୍ତିସଙ୍ଗତ ବୋଲି ସମ୍ବଲପୁର ବିଜେପି ପ୍ରଶ୍ନ କରିଛି । ସମ୍ବଲପୁର ବିଜେପି ପକ୍ଷରୁ ସରକାରଙ୍କ ଏହି ନିଷ୍ପତିକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇଛି । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଜିଲ୍ଲା ସଭାପତି ଗିରିଷ ପଟେଲ, ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ଓ ରାମଚନ୍ଦ୍ର ମେହେର, କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ସୁଶୀଲ କର ଓ ଆଶିଷ ହୋତାଙ୍କ ପକ୍ଷରୁ ଜାରି ଏକ ମିଳିତ ଜାରି ପ୍ରେସ ବିଜ୍ଞପ୍ତିରେ ଅଭିଯୋଗ କରାଯାଇଛି ଯେ, ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କୁ ଅପମାନର ଅର୍ଥ ଲୋକଙ୍କର ଅପମାନ । ଗତ ସାଧାରଣ ନିର୍ବାଚନରେ ସମ୍ବଲପୁର ଜିଲ୍ଲାବାସୀ ବିଜେପିକୁ ବିପୁଳ ଭାବରେ ସମର୍ଥନ କରିଥିବାରୁ ରାଜ୍ୟ ସରକାର ସମସ୍ତ କ୍ଷେତ୍ରରେ ସମ୍ବଲପୁରକୁ ଜାଣିଶୁଣି ଅବହେଳା କରି ଆସୁଛନ୍ତି । ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ବିଭିନ୍ନ ଆଳ ଦେଖାଇ ବାତିଲ୍ କରି ଦେଉଛନ୍ତି କିମ୍ବା ସ୍ଥଗିତ ରଖି ଦେଉଛନ୍ତି । ନିକଟରେ ନବଗଠିତ ଭୀମସାର ଗଭର୍ଣ୍ଣି ବଡିକୁ ଦେଖିଲେ ତାହା ଆହୁରି ସ୍ପଷ୍ଟ ପ୍ରମାଣିତ ହୋଇଛି । ସମ୍ବଲପୁରର ସାଂସଦ ଶ୍ରୀଯୁକ୍ତ ନିତେଶ ଗଙ୍ଗଦେବ, ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରି ନାୟକଙ୍କୁ ଭୀମସାର ଗଭର୍ନିଂ ବଡିରେ ସ୍ଥାନ ନ ଦେବା ନିହାତି ଭାବରେ ସମ୍ବଲପୁରବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ରହିଥିବା ଚରମ ଅବହେଳା ଓ ବିଜେଡି ସରକାରର କୁତ୍ସିତ ମାନସିକତାର ପରିଚୟ ପ୍ରଦାନ କରୁଛି । ସରକାର ଏଭଳି ଅଗଣତନ୍ତ୍ରିକ ଓ ଘୃଣ୍ୟ ମାନସିକତାରୁ ଦୂରେଇ ରୁହନ୍ତୁ, ନଚେତ ଆଗାମୀ ଦିନରେ ଅଂଚଳବାସୀ ଏହାର ଉଚିତ ଜବାବ ଦେବେ ବୋଲି ଚେତାବନୀ ଦେଇଛି ବିଜେପି ।

୧୫୦୧ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ମାଲକାନଗିରି,୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବିପୁଳ ପରିମାଣର ଗଞ୍ଜେଇ ଜବତ । ଏଥିସହ ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଥିବା ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ବ୍ୟକ୍ତି ହେଲେ ଆନ୍ଧ୍ର ପ୍ରଦେଶ ଆମଲାପୁରମ ଗ୍ରାମର ଏନ ବାଲୁ ବୋଲି ସୂଚନା ମିଳିଛି । ପୋଲିସ ନଗଦ ୯ ୫ ୦ଟଙ୍କା , ଗୋଟିଏ ମୋବାଇଲ ଓ ଟାଟା ଏସି ଗାଡି ଜବତ କରିଛି । ସୂଚନାଯୋଗ୍ୟ ଚିତ୍ରକୋଣ୍ଡା ଅଂଚଳରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବାଖବର ପାଇଁ ଚିତ୍ରକୋଣ୍ଡା ଥାନା ଆଇଆଇସି ସୂର୍ଯ୍ୟ ପ୍ରକାଶ ନାୟକ ପୋଲିସ ଟିମ ସହ ରେଖାପାଲ୍ଲୀ ଓ ଦାରକୋଣ୍ଡା ରାସ୍ତାରେ ଜଗିରହିଥିଲେ ! ଏହି ସମୟରେ ସେହି ରାସ୍ତାରେ ଏପି ୨ ୭ ଟି ୱାଇ ୪୭୭୪ନମ୍ବର ଟାଟା ଏସି ଗାଡି ଆସୁଥିବା ଦେଖି ଅଟକାଇଥିଲେ ।ଯାଂଚ ବେଳେ ଗାଡ଼ି ଭିତରୁ ୫ ୦ ବସ୍ତା ଗଞ୍ଜେଇ ବାହାରି ଥିବା ବେଳେ ଏହାର ଓଜନ ୧୫୦୧ କେଜି ୨ ୫ ୦ଗ୍ରାମ ।ତୁରନ୍ତ ପୋଲିସ ଗାଡି ଓ ଗଞ୍ଜେଇ କୁ ଜବତ କରି ଡ୍ରାଇଭର କୁ ଗିରଫ କରି ଥାନାକୁ ଆଣିଥିଲେ ! ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଚିତ୍ରକୋଣ୍ଡା ଏସଡିପିଓ କହିଛନ୍ତି ।

ଏକତା ପରିଷଦର ନ୍ୟାୟ ଓ ଶାନ୍ତି ପଦଯାତ୍ରା ଉଦ୍‌ଯାପିତ

କୋରେଇ,୪/୧୦ (ନି.ପ୍ର): ଏକତା ପରିଷଦ ପକ୍ଷରୁ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହୋଇଥିବା "ନ୍ୟାୟ ଓ ଶାନ୍ତି" ପଦଯାତ୍ରା ଗତକାଲି ଗାନ୍ଧୀ ଜୟନ୍ତି ଅବସରରେ ଉଦଯାପିତ ହୋଇଯାଇଛି । କୋରାଇ ବ୍ଲକ୍ ତଣ୍ଡରା ପଂଚାୟତରେ ହୋଇଥିବା ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ସୁଶିଲ କୁମାର ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ ଯୋଗଦେଇଥିଲେ । ଏକତା ପରିଷଦର ସଂଯୋଜକ ଅକ୍ଷୟ କୁମାର ଜେନାଙ୍କ ନେତୃତ୍ୱରେ ଉଦଯାପନୀ ଦିବସର ପଦଯାତ୍ରା ଶୁଭାରମ୍ଭ କରାଯାଇଥିଲା । ବରେଇ ଗ୍ରାମର ହର୍ତାଶୁଣୀ ପୀଠରୁ ବାହାରି ତଣ୍ଡରା ଗ୍ରାମରେ ଶେଷ ହୋଇଥିଲା । ଏକତା ପରିଷଦର ଅନ୍ୟତମ ସଂଯୋଜକ ପ୍ରସନ୍ନ ସ୍ୱାଇଁ, କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ୩ ଶହରୁ ଉର୍ଦ୍ଧ୍ୱ ଲୋକ ପଦଯାତ୍ରାରେ ସାମିଲ୍ ହୋଇଥିଲେ । ମହିଳା ଜନ ଆନ୍ଦୋଳନକାରୀ ନାରୀନେତ୍ରୀ ଗୀତା ମହାନ୍ତ ଉଦଯାପନୀ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ । ଏକତା ପରିଷଦର ଆହ୍ୱାନରେ ଏହିଭଳି ପଦଯାତ୍ରା ରାଜ୍ୟର ୧୩ଟି ଜିଲ୍ଲାରେ ହୋଇଥିବା ସହ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହୋଇଥିଲା । ଗରିବଙ୍କୁ ସମାନ ନ୍ୟାୟ, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଓ ଅଖଣ୍ଡ ଭାରତ ଗଠନ ଆଦି ଦାବିରେ ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟଜିତ୍ ମଲିକ, ଚଗୁଲୁ ମଲିକ, ପିତାମ୍ବର ବେହେରା, ସ୍ୱର୍ଣ୍ଣଲତା ପାଢୀ, ଆଦିତ୍ୟ ଜେନା, ସ୍ମିତପ୍ରଜ୍ଞା ବେହେରା, ହର୍ତାଶୁଣୀ ଓ ବାବା ବେଲେଶ୍ୱର ମହିଳା ସଂଗଠନର ବହୁ ମହିଳା କର୍ମୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ଶେଷରେ ମାନବାଧିକାର କର୍ମୀ ତଥା ସମାଜସେବୀ ତାରିଣୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଘୁମୁସର ବିଜେପି ଉପସଭାପତିଙ୍କ ପକ୍ଷରୁ ରୋଗୀଙ୍କୁ ସହାୟତା

ଗଞ୍ଜାମ,୪/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ଜକର ଗ୍ରାମର ବଡଦାଣ୍ଡ ସାହିରେ ବାସ କରନ୍ତି ଉକ୍ତ ଗ୍ରାମର ବିପିନି ମହାପାତ୍ର । ବୟସ ମାତ୍ର ୪୮ ବର୍ଷ । ନିଜର ବୋଲି କେହିନାହାନ୍ତି ତାଙ୍କର । ତାଙ୍କର ଗୋଟାଏ ପୁଅ ଅଛି, କିନ୍ତୁ ସେ ବାପାଙ୍କ ପାଖରେ ନରହି ରୁହନ୍ତି ବୋଉଙ୍କ ଗ୍ରାମରେ ତଥା କବିସୂର୍ଯ୍ୟନଗର ବ୍ଲକର ବରିଡା ଗ୍ରାମରେ । ଦୁଃଖର ବିଷୟ ବିପିନିଙ୍କ ସ୍ତ୍ରୀ ମଧ୍ୟ ବହୁଦିନ ଧରି ମରିଯାଇଥିବା ହେତୁ ସେ ହୋଇଯାଇଛନ୍ତି ଆଜି ଏକୁଟିଆ, ତଥାପି ମନ ବଳକୁ ଦୃଢ଼ କରି ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇ ବହୁତ ଦିନ କଟାଇଦେଇଥିଲେ । କିନ୍ତୁ, ଦଇବ ତାଙ୍କୁ ସାହା ହେଲାନି । କାରଣ ତାଙ୍କୁ ବହୁଦିନଧରି ଟିବି ରୋଗ ଗ୍ରାସ କରିନେଇସାରିଲାଣି । ତେଣୁ ସେ ସେଠାରେ ଅଧିକ ଦିନ ନରହି ନିଜ ଗ୍ରାମକୁ ଆଜକୁ ଦୁଇମାସ ହେବ ଆସି ଦୁଃଖ ଯନ୍ତ୍ରଣାକୁ ଛାତିରେ ଚାପି ସହି ଚାଲିଛନ୍ତି । ସାହି ଲୋକ ଏ ସବୁ ଜାଣିଲା ପରେ କିଛି ଦିନ ତାଙ୍କର ଦେଖାଶୁଣା କରୁଥିଲେ । ଉକ୍ତ ରୋଗ ଯୋଗୁ ତାଙ୍କର ଔଷଧ ବାବଦରେ ଅର୍ଥର ଅଭାବ ମାଡିଆସିଲା । ଔଷଧ ନଖାଇ ଯନ୍ତ୍ରଣାରେ ପଡି ଛଟପଟ ହେଉଥିବାର ଖବର ଶୁଣି ଏହି ଅଂଚଳର ଜଣାଶୁଣା ସମାଜସେବୀ ତଥା ବିଜେପି ଘୁମୁସରର ଉପ ସଭାପତି ପ୍ରଭାକର ପଣ୍ଡା ଗତକାଲି ସଂନ୍ଧାରେ ବିପିନିଙ୍କୁ ଭେଟି ସୁଖ, ଦୁଃଖ ବୁଝି ତାଙ୍କୁ ଔଷଧ କିଣିବା ପାଇଁ କିଛି ଆର୍ଥିକ ସହଯୋଗ ପ୍ରଦାନ କରିବା ସହ ପୋଲସରା ପ୍ରଶାସନଙ୍କୁ ବିପିନିଙ୍କୁ ତୁରନ୍ତ ସରକାରୀ ସ୍ତରରେ ସାହାଯ୍ୟ ଓ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।ସମାଜସେବୀଙ୍କ ଏପରି ମହାନତା ପାଇଁ ଉକ୍ତ ଗ୍ରାମର ଉପସ୍ଥିତ ଥିବା ବୟସ୍କ ବୃଦ୍ଧା, ଯୁବକ ମାନେ ପ୍ରଶଂସା କରିଥିଲେ । ହେଲେ ଏବେ ଦେଖିବାକୁ ବାକି ରହିଲା ବିପିନିର ଏପରି ଅସୁବିଧା ସ୍ଥଳେ ପ୍ରଶାସନ କେତେ ଶୀଘ୍ର ତାଙ୍କ ନିକଟରେ ପହଂଚି ସହଯୋଗ କରୁଛି ।

ହୋମଗାର୍ଡଙ୍କ ଘରେ ପଶି ଆକ୍ରମଣ କଲେ ଚୋର

କୋରେଇ,୪/୧୦ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅଂଚଳରେ କ୍ରମାଗତ ଭାବେ ଚୋରୀ ବୃଦ୍ଧି ପାଉଥିବା ବେଳେ ପୁଲିସ ଚୋରଙ୍କୁ ଧରି ନପାରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରି ସ୍ଥିତିରେ ସାଧାରଣ ଲୋକ ତ ଦୂରରେ ଥାଉ ଖୋଦ୍ ଥାନାର ହୋମଗାର୍ଡଙ୍କ ଘରେ ଚୋରମାନେ ପଶି କିଛି ନେଇପାରିନଥିଲେ ମଧ୍ୟ ହୋମଗାର୍ଡ଼ଙ୍କ ପୁଅକୁ ଛୁରୀରେ ଆକ୍ରମଣ କରି ଫେରାର୍ ହେବାର ସକ୍ଷମ ହୋଇଛନ୍ତି । ହୋମଗାର୍ଡ଼ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ତାହା ସାମ୍ନାକୁ ଆସିଛି । ମିଳିଥିବା ସୂଚନାନୁସାରେ, ପାଣିକୋଇଲି ଥାନାରେ କାର୍ଯ୍ୟରତ ହୋମଗାର୍ଡ ବିଷ୍ଣୁ ଚରଣ ମଲିକ ପଥରପଦା ପଂଚାୟତର ଦାମୋଦରପୁର ଗ୍ରାମର ଶେଷ ମୁଣ୍ଡରେ ଘର କରି ରହୁଛନ୍ତି । ରାତି ଗୋଟାଏ ବେଳେ ସମସ୍ତେ ନିଘୋଡ଼ ନିଦରେ ଶୋଇଥିବା ବେଳେ ଚୋରମାନେ ଘରର ପଛ କବାଟର ତାଲା ଭାଙ୍ଗି ଘର ଭିତରେ ପଶିଥିଲେ । ସୋମାନଙ୍କ ମଧ୍ୟରୁ ଜଣେ ଘର ଭିତରେ ପଶିଥିବା ବେଳେ ବାକି ଦୁଇ ଜଣ ଶିଳପୁଆ ଓ ଇଟା ଧରି କବାଟ ଆଡୁଆଳରେ ଲୁଚି ରହିଥିଲେ । ତେବେ ଖୁଡ଼ଖାଡ଼ ଆବାଜ ଶୁଣି ବିଷ୍ଣୁଙ୍କ ପୁଅ ବିଶ୍ୱନାଥ ଉଠିପଡ଼ି ଘରେ ଚୋର ପଶିଥିବାର ଦେଖି ଚିଲ୍ଲାଇବାରୁ ଚୋର ଜଣକ ଛୁରୀରେ ବିଶ୍ୱନାଥଙ୍କୁ ଆକ୍ରମଣ କରି ଦୌଡ଼ି ପଳାଇଥିଲା । ଏବଂ ବାହାରେ ଅପେକ୍ଷା କରିଥିବା ଦୁଇ ଜଣ ଚୋର ମଧ୍ୟ ସେଠାରୁ ଦୌଡ଼ି ପଳାଇଥିଲେ । ଏ ସଂକ୍ରାନ୍ତରେ ପଡ଼ିଶା ଲୋକମାନେ ଜାଣିବା ପରେ ସମସ୍ତେ ମିଶି ଚୋରଙ୍କୁ ଖୋଜିଥିଲେ ହେଲେ ପାଇ ନଥିଲେ । ଏନେଇ ବିଷ୍ଣୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚାଲୁ ରଖିଛି ।

ଏଠାରେ ପ୍ରକାଶ ଥାଉକି, ଲଗାତାର ଭାବେ ଅଂଚଳରୁ ଚୋରି ହେବା ପୁଲିସର ମୁଣ୍ଡବ୍ୟଥା ବଢାଇ ଦେଇଥିବା ବେଳେ ଚୋର ମାନେ କିନ୍ତୁ ସ୍ପଷ୍ଟ ଦିବାଲୋକରେ ବୁଲୁଛନ୍ତି । ତା ଛଡ଼ା ପୁଲିସ ଯଦି ପ୍ରତି ଗ୍ରାମ ଦେଇ ପେଟ୍ରୋଲିଂ କରନ୍ତା ତେବେ ହୁଏତ ଚୋରୀ କିଛି ମାତ୍ରାରେ କମ୍ ହୁଅନ୍ତା ବୋଲି ଗ୍ରାମବାସୀ ମାନେ ମତ ରଖିଛନ୍ତି ।

ଏମଭି ୭୯ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ମାଲକାନଗିରି,୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ ଭି ୭୯ ପୋଲିସ ଷ୍ଟେସନରେ ନୂତନ ଥାନା ଅଧିକାରୀ ଭାବେ ଆଜି ଜୟ ପ୍ରକାଶ ନାରାୟଣ ହୋତା ଯୋଗଦାନ କରିଛନ୍ତି । ସୂଚନାଯୋଗ୍ୟ ଜୟ ପ୍ରକାଶ ନାରାୟଣ ହୋତା ପୂର୍ବରୁ ମାଲକାନଗିରି ହେଡକ୍ୱାର୍ଟର ରେ କାର୍ଯ୍ୟରତ କରି ଆସୁ ଥିଲେ । ବର୍ତମାନ ସେ ସେଠାରୁ ଆସି ଏମ.ଭି-୭୯ ଥାନାରେ ଯୋଗଦାନ କରିଛନ୍ତି । ପୂର୍ବରୁ ଦୀର୍ଘ ଦିନ ଧରି ଏମଭି - ୭୯ ଥାନାରେ କାର୍ଯ୍ୟ ତୁଲାଇଥିବା ଇନ୍ସପେକ୍ଟର ଅଶୋକ କୁମାର ବିଶୋଇଙ୍କୁ ମୋଟୁ ଥାନାକୁ ବଦଳି ହୋଇଥିବାର ସୂଚନା ମିଳିଛି ।

ଆଇନସେବା ପ୍ରାଧିକରଣ ଓ ସ୍ୱାତୀ ପକ୍ଷରୁ ସମାଜସେବୀ ସ୍ୱର୍ଗତ ରବୀନ୍ଦ୍ର କୁମାର ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ

କନ୍ଧମାଳ,୪/୧୦ (ନି.ପ୍ର): ରିଖ ଦିନ ସ୍ୱାତୀ ଅଫିସ୍ ଫୁଲବାଣୀ ଠାରେ ସମାଜସେବୀ ସ୍ୱର୍ଗତ ରବିନ୍ଦ୍ର କୁମାର ସାହୁଙ୍କର ଶ୍ରଦ୍ଧାଞ୍ଜଳୀ ସଭା ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଯୁକ୍ତ ସାହୁ ସମାଜରେ ପ୍ରିୟ ରବିଭାଇ ନାମରେ ପରିଚିତ ଥିଲେ । ମୃତ୍ୟୁବଳକୁ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା । ଗତ ୨୯.୦୯.୨୦୨୧ ତାରିଖରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ଦେହାନ୍ତ ହୋଇଯାଇଥିଲା । ସେ ଜଣେ ଜଣାଶୁଣା ସମାଜସେବୀ ଭାବରେ କନ୍ଧମାଳ ଜିଲ୍ଲାରେ ପରିଚିତ ଥିଲେ । ତାଙ୍କର ବିୟୋଗରେ କନ୍ଧମାଳ ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଅଛି । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ୱାତୀ, କନ୍ଧମାଳର କର୍ମକର୍ତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଓ ତାଙ୍କର ନିକଟତର ବନ୍ଧୁମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ସହିତ ଶ୍ରୀଯୁକ୍ତ ସାହୁଙ୍କର ଥିବା ସମନ୍ୱୟକୁ ଶ୍ରଦ୍ଧାଞ୍ଜଳି ସଭାରେ ଭିୟାୟସୀ ପ୍ରଶଂସା କରାଯିବା ସହ ଏଭଳି ସୁ-ସମ୍ପର୍କ ରିଖିପାରୁଥିବା ବ୍ୟକ୍ତି ଆଗାମୀ ଦିନ ମାନଙ୍କରେ ମିଳିବା କଷ୍ଟସାଧ ବୋଲି ତାଙ୍କର ସ୍ମୃତି ଚାରଣ କରାଯାଇଥିଲା । ରବି ଭାଇଙ୍କ ଭଳି ବ୍ୟକ୍ତିଙ୍କର ବିୟୋଗରେ ଅଙ୍ଗନବାଡି କର୍ମୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ କର୍ମକର୍ତା ପର୍ଯ୍ୟନ୍ତ ସମସ୍ତେ ମର୍ମାହତ ହୋଇଛନ୍ତି । କାର୍ଯ୍ୟକ୍ରମରେ ପ୍ରଥମେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ଅଗାଢ ଶକ୍ତି ଦେବା ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା କରାଯାଇଥିଲ । ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭାରେ ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ବସନ୍ତ କୁମାର ପ୍ରଧାନ, ଗାନ୍ଧୀ ସାହୁ, କଲ୍ୟାଣୀ ଅନୁଷ୍ଠାନର କର୍ମକର୍ତା କବିତା କର ଓ ବିଜୟିନୀ ସାହୁ, ସ୍ୱାତୀ ଅନୁଷ୍ଠାନର ବୈଦ୍ୟନାଥ ଖଟୁଆ, ସାନ୍ତନୁ କୁମାର ମିଶ୍ର ଓ ଶଙ୍କର ନାରାୟଣ ମହାନ୍ତିଙ୍କ ସହ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ପରିଶେଷରେ ସାହୁଙ୍କ ଶୋକସନ୍ତପ୍ତ ପରିବାରକୁ ଆଗକୁ ବଢିବା ପାଇଁ ସହୃଦୟରେ ସମସ୍ତ ସହଯୋଗ ପହଂଚେଇବାକୁ ମନୋଜ କୁମାର ପଟ୍ଟନାୟକ ଓ ବିଶ୍ୱରଞ୍ଜନ କରଙ୍କ ନେତୃତ୍ୱ ସ୍ଥିର କରାଯାଇଥିଲା । ସେହିପରି କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାର୍ଯ୍ୟାଳୟ ପରିଷରରେ ଏକ ଶୋକ ସଭାର ଆୟୋଜନ କରାଯାଇ ଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଶ୍ରୀମତୀ ପାତଞ୍ଜଳି ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସମସ୍ତ ସ୍ୱେଚ୍ଛାସେବୀ ମାନେ ଏଥିରେ ଯୋଗ ଦେଇ ସ୍ୱର୍ଗତ ରବି ସାହୁଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରର୍ଥନା କରିଥିଲେ । ସ୍ୱର୍ଗତ ରବି ସାହୁ ଜିଲ୍ଲାର ଜଣେ ସକ୍ରୀୟ ଆଇନସେବା ସ୍ୱେଚ୍ଛାସେବୀ ଥିଲେ । ତେଣୁ ତାଙ୍କର ଏହି ଅକାଳ ବିୟୋଗରେ ଜିଲ୍ଲାର ସମସ୍ତ ପିଏଲଭି ମାନେ ଉପସ୍ଥୀତ ରହି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ,ଆଶିସ କୁମାର ମିଶ

ମାଆ ଉଗ୍ରତାରା

ଦିଲ୍ଲୀପ କୁମାର ସାହୁ



ଚିଲିକା କୂଳରେ ଅବସ୍ଥିତ ଖୋର୍ଦ୍ଧା ଜିଲ୍ଲାର ବଡ ଗାଁ ଟିଏ ଭୁଷଣ୍ଡପୁର । ସେଠାରେ ରହିଛି ପ୍ରାୟ ପାଞ୍ଚଶହ ବର୍ଷର ପ୍ରାଚୀନ ଶକ୍ତିକ୍ଷେତ୍ର ।

କ୍ଷେତ୍ରର ଅଧିଶ୍ୱରୀ ମାଆ ଉଗ୍ରତାରା । ଦଶମହାବିଦ୍ୟା ଦେବୀ ମାନଙ୍କ ମଧ୍ୟରୁ ଅନ୍ୟତମ ମାଆ ଉଗ୍ରତାରାଙ୍କୁ ନୀଳ ସରସ୍ୱତୀ ମଧ୍ୟ କୁହାଯାଏ ।

ଉତ୍କଳର ଗଜପତି କପିଳେନ୍ଦ୍ରଦେବ ସାମ୍ରାଜ୍ୟର ସୁରକ୍ଷା ପାଇଁ ଚିଲିକା କୂଳରେ ପ୍ରତିଷ୍ଠା କରିଥିଲେ ମୂଳଝରଗଡ ଦୁର୍ଗ । ସେହି ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଥିଲେ ମାଆ ଉଗ୍ରତାରା । କାଳକ୍ରମେ ମୂଳଝରଗଡ ଧ୍ୱଂସ ପାଇଯାଇଥିଲା ଓ ମାଆ ଅପୂଜା ହୋଇ ପଡି ରହିଥିଲେ । ବହୁ ବର୍ଷ ପରେ ଜଣେ ପୂଜକଙ୍କୁ ସ୍ୱପ୍ନାଦେଶ ହେବା ଫଳରେ ସେ କିଛି ଗ୍ରାମବାସୀଙ୍କ ସହୟତାରେ ମାଆଙ୍କର ପୁନଃ ପୂଜାଅର୍ଚ୍ଚନା ଆରମ୍ଭ କରିଥିଲେ ।

ପରେ ନାରାୟଣ ତ୍ରିପାଠୀ ନାମକ ଜଣେ ସମ୍ବସ୍କୃତ ବିଦ୍ୱାନ ମାଆଙ୍କ ପୀଠରେ ତନ୍ତ୍ର ସାଧନା କରି ସିଦ୍ଧି ଲାଭକରିଥିଲେ । ସେ ଗଜପତିଙ୍କ ଅନୁମତି କ୍ରମେ ରାଜା,ମହାରାଜା, ମହାଜନ ଓ ଧନୀ ଲୋକଙ୍କଠାରୁ ଦାନ ଆଣି ବର୍ତ୍ତମାନର ମନ୍ଦିରଟି ଗଢାଇଥିଲେ । ୧୯୪୬ ମସିହାରେ ଗଜପତି ରାମଚନ୍ଦ୍ରଦେବଙ୍କ ଦ୍ୱାରା ତାହା ପ୍ରତିଷ୍ଠା ହୋଇଥିଲା । ସେହି ପ୍ରତିଷ୍ଠା ଉତ୍ସବ ରେ କେନ୍ଦୁଝର ରାଜା ସପରିବାରେ ଯୋଗଦେଇଥିଲେ । ତାଙ୍କରି ଦାନ ଅର୍ଥରେ ମନ୍ଦିରର ମୁଖଶାଳା ନିର୍ମାଣ କରାଯାଇଥିଲା । ସ୍ୱାଧୀନତା ପରେ ଦାନ,ଦକ୍ଷିଣା ଓ ସରକାରୀ ଅନୁଦାନରେ ମନ୍ଦିରର ଶୋଭା ବର୍ଦ୍ଧନ କରାଯାଇଛି ।

ମାଆଙ୍କ ମୁଖ୍ୟ ମନ୍ଦିର ଉଚ୍ଚତା ପ୍ରାୟ ତିରିଶ ଫୁଟ୍ ଏବଂ ଗର୍ଭଗୃହର ଲମ୍ବ ଦଶ ଫୁଟ ଓ ଚଉଡା ଆଠ ଫୁଟ । ସେହି ଗର୍ଭଗୃହରେ ଶିଳାର ଆସନରେ ଆରୁଢା ମାଆ ଉଗ୍ରତାରା । ମାଆଙ୍କ ମୂର୍ତ୍ତି ମୁଗୁନି ପଥରରେ ଗଢା । ମୂର୍ତ୍ତି ଙ୍କ ଉଚ୍ଚତା ଦେଢ ଫୁଟ । ମାଆ ,ଦେବ ଦେବ ମହାଦେବଙ୍କ ବକ୍ଷ ଉପରେ ଦଣ୍ଡାୟମାନ । ମାଆ ତ୍ରିଲୋଚନୀ ଓ ଚତୁର୍ଭୂଜା । ମାଆ ତାଙ୍କ ଚାରି ହାତରେ ଖଣ୍ଡା, କଟାରୀ, ନୀଳ ପଦ୍ମ ଓ ପାନ ପାତ୍ର ଧାରଣ କରଛନ୍ତି । ମାଆଙ୍କୁ ବ୍ରାହ୍ମଣମାନେ ପୂଜା କରନ୍ତି । ପ୍ରତ୍ୟହ ମାଆଙ୍କ ମନ୍ଦିର ଖୋଲେ ସକାଳ ଛଅଟାରେ ଓ ବନ୍ଦ ହୁଏ ସନ୍ଧ୍ୟା ଛଅଟାରେ । ମାଆଙ୍କ ପୀଠରେ ଉଭୟେ ଆମିଷ ଓ ନିରାମିଷ ଭୋଗ ଲାଗି ହୋଇଥାଏ । ମାଆଙ୍କ ପ୍ରିୟ ପ୍ରସାଦ ଚୁଡାଘସା ।

ମାଆ ଉଗ୍ରତାରାଙ୍କ ପରିବେଶ ଖୁବ୍ ରମଣୀୟ । ସେଠାରେ ପାଦଦେଲେ ମନରେ ଭରିଯାଏ ଅପୂର୍ବ ଶାନ୍ତି । ପ୍ରତିଦିନ ଏଠାରେ ଶ୍ରଦ୍ଧାଳୁ ମାନଙ୍କ ଗହଳି ଦେଖିବାକୁ ମିଳେ ।

ବର୍ଷାସାରା ମାଆଙ୍କ ପୀଠରେ ବିବାହ ବ୍ରତ ଲାଗି ରହିଥାଏ । ଶୀତଦିନେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ମାଆଙ୍କ ପୀଠରେ ବଣଭୋଜି କରିଥାନ୍ତି । ମାଆଙ୍କର ବଡ ପର୍ବ ଗୁଡିକ ହେଲା ବାସନ୍ତୀକ ଓ ଶାରଦୀୟ ଦୁର୍ଗାପୂଜା ଏବଂ ରଜ ପର୍ବ ।

ଦଶହରା ସମୟରେ ମାଆଙ୍କୁ ଶୋଳଦିନଧରି ଶୋଡଷ ଉପଚାରରେ ପୂଜାକରାଯାଇଥାଏ । କାର୍ତ୍ତିକ ମାସରେ ମାଆ ଶ୍ୟାମା କାଳି ରୂପରେ ବେଶ ହୋଇଥାନ୍ତି । ମାଘ ମାସରେ ମାଆଙ୍କୁ ସରସ୍ୱତୀ ବେଶ କରାଯାଏ । ଚୈତ୍ରମାସରେ ସେ ବାସନ୍ତୀ ଦୁର୍ଗା ରୂପରେ ଦର୍ଶନ ଦିଅନ୍ତି ଓ ରଜ ରେ ଲକ୍ଷ୍ମୀ ରୂପରେ । ରଜ ସମୟରେ ସେଠାରେ ତିନିଦିନ ଧରି ମେଳା ବସେ ଓ ନାଚଗୀତର ଆୟୋଜନ କରାଯାଏ । ସେହି ମେଳା ଦେଖିବା ପାଇଁ ହଜାର ହଜାର ସମ୍ବଖ୍ୟାରେ ଶ୍ରଦ୍ଧାଳୁ ସମବେତ ହୋଇଥାନ୍ତି ଓ ମାଆଙ୍କ ଲକ୍ଷ୍ମୀ ରୂପ ଦର୍ଶନ କରି ଆହ୍ଲାଦିତ ହୋଇଥାନ୍ତି । ରାଜଧାନୀ ଭୁବନେଶ୍ୱରଠାରୁ ମାଆ ଉଗ୍ରତାରାଙ୍କ ପୀଠର ଦୂରତା ପ୍ରାୟ ୬୫ କିଲୋମିଟର । ଶୋଳ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱରରୁ ବ୍ରହ୍ମପୁର ଦିଗରେ ଆସିବା ବାଟରେ ପଡେ ତାରା ଛକ ।

ସେଠାରେ ଛୋଟିଆ ବଜାର ସହିତ ସୁନ୍ଦର ତୋରଣ ଟିଏ ରହିଛି । ସେହି ଠାରୁ ଦୁଇ କିଲୋମିଟର ଗଲେ ପଡେ ମାଆଙ୍କ ପୀଠ ।

ମାଆ ଉଗ୍ରତାରା ଉଗ୍ର ବା ଖୁବ୍ କ୍ରୋଧୀ ସତ, ହେଲେ ସେ ଭକ୍ତ ବତ୍ସଳା । ତାଙ୍କୁ ଭକ୍ତିର ସହ ଡାକିଲେ ସେ ମନ ବାଞ୍ଛା ପୂର୍ଣ୍ଣ କରିଥାନ୍ତି । ମାଆ ମଙ୍ଗଳମୟୀ । ସରା ଜଗତର ମଙ୍ଗଳ କରନ୍ତୁ ସେ । ତାଙ୍କ ପାଖରେ ଏତିକି କାମନା ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭

ଶୁଦ୍ଧ ହଳଦୀର ପ୍ୟାକ୍ ତ୍ୱଚାରେ ଚମକ ଆଣେ

ରୋଗପ୍ରତିରୋଧକ ବଢ଼ାଇବାରେ ସହାୟକ ହଳଦୀ ଆମ କେଶ ଓ ତ୍ୱଚାକୁ ମଧ୍ୟ ପୋଷଣ ଯୋଗାଏ । ପ୍ରାଚୀନ ସମୟରୁ ଭାରତୀୟ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ହଳଦୀ ବ୍ୟବହାର କରୁଛନ୍ତି । ଆଜିପର୍ଯ୍ୟନ୍ତ ହଳଦୀର ଆଦର କମିନାହିଁ, ବିଉଟିସିଆନ୍ ଶେହନାଜ୍ ହୁସେନ୍‌ଙ୍କ ମତରେ ପ୍ରତିଦିନ ବେସନ-ହଳଦୀ-ଦହି ପ୍ୟାକ୍ ଲଗାଇବା ତ୍ୱଚାପାଇଁ ଭଲ ।

◆ଶୁଷ୍କ ତ୍ୱଚା କିମ୍ବା ତୈଳୀୟ ତ୍ୱଚାରେ ହଳଦୀ ପ୍ୟାକ୍ ଭଲଭାବେ ପ୍ରଭାବ ଦେଖାଏ । ୧ ବଡ଼ ଚାମଚ ଦହି, ଚିମୁଟାଏ ହଳଦୀ, ଅଧ ଚାମଚ ବେସନ, ଫାଳେ ଲେମ୍ବୁ ରସକୁ ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାଇବେ । ୧୫ ମିନିଟ୍ ପରେ ତ୍ୱଚାକୁ ଭଲରେ ମାଲିସ୍ କରି ଧୋଇବେ । ଦାଗ, ବ୍ରଣ ଦୂର କରିବା ସହ ତ୍ୱଚାରେ ଏଇ ପ୍ୟାକ୍ ଚମକ ଆଣେ ।

◆ଅଲିଭ ତେଲ ଅଧ ଚାମଚରେ ଚିମୁଟାଏ ହଳଦୀ ମିଶାଇ ମିହଁରେ ଲଗାଇବେ । ଶୁଖିବା ପରେ ହାତ ଓଦା କରି ମୁହଁକୁ ମାଲିସ୍ କରନ୍ତୁ । ଏଇ ପ୍ୟାକ୍ ସପ୍ତାହକୁ ଥରେ ଲଗାଇବେ । ରଙ୍ଗ ସଫା କରିବା ପାଇଁ ଏକ ପ୍ୟାକ୍ ଲଗାନ୍ତୁ ।

◆ହଳଦୀ ଅଧ ଚାମଚ, କଞ୍ଚା କ୍ଷୀର ୨ ଚାମଚ, ମୁଲତାନି ମାଟି ମିଶାଇ ତ୍ୱଚାରେ ଲଗାଇବାର ୧୦ ମିନିଟ୍ ପରେ ଧୋଇନେବେ । ସନ୍-ଟ୍ୟାନ୍ ଦୂର କରିବାରେ ଏହି ପ୍ୟାକ୍ କାମ କରେ ।

ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍

ନାଇଟ୍ ସୁଟ୍ ମହିଳାମାନଙ୍କ ପାଇଁ ବେଶ୍ ଆରାମଦାୟକ ପୋଷାକ । ଢିଲା ହୋଇଥିବାରୁ ନାଇଟ୍ ସୁଟ୍ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏବେ ଅଲଗା ଅଲଗା ଡିଜାଇନର୍ ନାଇଟ୍ ସୁଟ୍ ଫ୍ୟାଶନ୍ ଟ୍ରେଣ୍ଡ୍ ବନିଛି । ନାଇଟ୍ ସୁଟ୍‌ରେ କିପରି ଷ୍ଟାଇଲ୍ ବନେଇବେ ନିଅନ୍ତୁ କିଛି ଟିପ୍ସ ।

◆ପଜାମା ସେଟ୍: ରାତିରେ ଢିଲା ପଜାମା ସେଟ୍ ପିନ୍ଧିବା ଆରାମ ଦେଇଥାଏ । ଏହି କାରଣରୁ ପଜାମା ସେଟ୍ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ । ଏହାମଧ୍ୟ ସବୁଠୁ ଅଧିକ ପିନ୍ଧାଯାଉଥିବା ନାଇଟ୍ ସୁଟ୍ । ଏହା ବିଭିନ୍ନ ପ୍ରକାର ଡିଜାଇନ୍‌ରେ ବଜାରରେ ଉପଲବ୍ଧ । କଟନ, ସାଟିନ୍, ସିଫନ୍, ଭଳି ଫ୍ୟାବ୍ରିକ୍ ବାଛିପାରିବେ ।

◆କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ
ଯଦି ଆପଣ ପଜାମା ପିନ୍ଧିବାକୁ ଚାହୁଁନଥିବେ ତାହାଲେ କ୍ରପ ଟପ୍ ଏବଂ ସ୍ୱେଟପ୍ୟାଣ୍ଟ୍ କ୍ୟାରି କରିପାରିବେ । ନାଇଟ୍ ସୁଟ୍‌ରେ କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ । ଅନେକ ଝିଅ ଥାଆନ୍ତି ଯେଉଁମାନେ ଓଭରସାଇଜ ପୋଷାକ ପିନ୍ଧିବା ବଦଳରେ ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍ ପୋଷାକ ପିନ୍ଧିଥାନ୍ତି । ଏଥିପାଇଁ କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ ପରଫେକ୍ଟ ରହିଥାଏ । ଆପଣ ଚାହିଁଲେ ଏହି ନାଇଟ୍ ସୁଟ୍‌କୁ ବାହାରକୁ ପିନ୍ଧି ଯାଇପାରିବେ ।

◆ଟପ୍ ଏବଂ ସର୍ଟସ୍:
ସବୁ ସିଜିନ୍‌ରେ ଟପ୍ ଏବଂ ସର୍ଟସ୍ ପିନ୍ଧି ହୋଇଥାଏ । ନାଇଟ୍ ସୁଟ୍‌ରେ ଟପ୍ ଏବଂ ସର୍ଟସ୍ ବହୁତ କମନ୍ । କିଛି ଝିଅ ମ୍ୟାଚିଙ୍ଗ କଲର ପିନ୍ଧିବାକୁ ପସନ୍ଦ କରନ୍ତି ଆଉ କେହି କଣ୍ଟ୍ରାଷ୍ଟ୍ କଲର୍। ଆପଣଙ୍କ ପସନ୍ଦ ହିସାବରେ ଫ୍ୟାବ୍ରିକ୍ ବାଛିପାରିବେ ।

◆ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍:
ଶୀତଦିନେ ନାଇଟ୍ ସୁଟ୍ ହିସାବରେ ସ୍ୱେଟ୍‌ସାଟ୍ କ୍ୟାରି କରିପାରିବେ । ସ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍‌କୁ ବାହାରକୁ ବୁଲାବୁଲି ପାଇଁ ପିନ୍ଧି ଯାଇପାରିବେ । ଆପଣଙ୍କ ପସନ୍ଦ ହିସାବରେ ଟିମଅପ କରିପାରିବେ ।

ପକୋଡ଼ା ମିକ୍ସ ଭେଜ୍

ସାମଗ୍ରୀ:

ଗ୍ରେଭି ପାଇଁ- ଏକ ଟିମ୍‌ସ୍ପୁନ୍ ଅଦା ରସୁଣ ପେଷ୍ଟ, ଏକ ପ୍ୟାକେଟ ଟମାଟୋ ପ୍ୟୁରି, ଗୋଟିଏ ପିଆଜ, ୧/୪ ଚାମଚ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଗରମ ମସଲା ଅଧା ଚାମଚ ଲେଖାଏଁ, ଲୁଣ ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର, ଅଧା ଚାମଚ ଜିରା ଓ ରିଫାଇନ୍ ତେଲ । ପକୋଡ଼ି ପାଇଁ- ଦେଢ଼ ଲେଖାଏଁ, ଚାରି ପାଞ୍ଚଟି ପାଳଙ୍ଗ ପତ୍ର, ଲୁଣ ସ୍ୱାଦାନୁସାରେ, ଏକ ଚୁଟ୍‌କି ସୋଡ଼ା ବାଇକାର୍ବୋନେଟ୍ ଓ ରିଫାଇନ୍ ତେଲ ।

ପ୍ରଣାଳୀ:

ପକୋଡ଼ି ପାଇଁ- ବେସନ, ଲୁଣ ଏବଂ ସୋଡ଼ିଅମ ବାଇକାର୍ବୋନେଟ ପାଣିରେ ପକାଇ ଫେଣ୍ଟନ୍ତୁ ଓ ବ୍ୟାଟର ତିଆରି କରନ୍ତୁ । ବର୍ତ୍ତମାନ କଟା ଆଳୁ, ପିଆଜ ଓ ପାଳଙ୍ଗ ବ୍ୟାଟରରେ ପକାଇ ସେହି ମିଶ୍ରଣକୁ ତେଲରେ ଛାଣନ୍ତୁ । ପକୋଡ଼ି ପ୍ରସ୍ତୁତ ହୋଇଗଲା । ଗ୍ରେଭି ପାଇଁ- ଗଡ଼େଇରେ ଏକ ଚାମଚ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏଥିରେ ଜିରା ଏବଂ ପିଆଜ ପକାଇ ଗୋଲ୍ଡେନ-ବ୍ରାଉନ କଲର ହେବା ଯାଏଁ ଭାଜନ୍ତୁ । ଏହାପରେ ଏଥିରେ ଅଦା-ରସୁଣ ପେଷ୍ଟ ପକଇ ଫ୍ରାଏ କରନ୍ତୁ । ଏଥିରେ ଟମାଟୋ ପ୍ୟୁରି, ଲାଲ ଲଙ୍କା, କଞ୍ଚା ଲଙ୍କା, ଗରମ ମସଲା ଓ ଲୁଣ ପକାଇ ମସଲାରୁ ତେଲ ଛାଡ଼ିବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ଗୋଟିଏ କପ୍ ପାଣି ପକାଇ ସିଝିବାକୁ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଚୁଲିରୁ ଓହ୍ଲାଇଆଣି ଏଥିରେ ପକୋଡ଼ି ପକାନ୍ତୁ । କଟା ଧନିଆ ପତ୍ରରେ ଗାର୍ଣ୍ଣିସିଂ କରି ଗରମ ଚପାତି କିମ୍ବା ପରଟା ସହିତ ପରଷନ୍ତୁ ।

କେକ୍ ଭୋଜୀ

ବେକରୀ ଦୋକାନୀ, ଫୁଡ୍ ମାର୍ଟ, ଏ ସବୁ ସ୍ଥାନରେ ଭଳିକିଭଳି ସ୍ୱାଦ କେକ୍ ମିଳିଥାଏ। ଆମେ ଭାରତୀୟ ଜନ୍ମଦିନ, ବିବାହ ବାର୍ଷିକୀ ପରେ ଏବେ ବଡ଼ଦିନ, ନୂଆବର୍ଷକୁ ସ୍ୱାଗତ ପାଇଁ କେକ୍ କାଟିବାକୁ ପ୍ରାଥମିକତା ଦେଉଛେ । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପ, ବ୍ରିଟେନ୍, ଅଷ୍ଟ୍ରେଲିଆରେ ଏଇ ସମୟରେ କେକ୍ ବ୍ୟବସାୟ ଲକ୍ଷାଧିକ ଟଙ୍କାର ହେଉଥିବାବେଳେ ଚଳିତ ବର୍ଷ କରୋନା କାରଣରୁ କେକ୍ ବିକ୍ରି ସେଭଳି ମାତ୍ରାରେ ହେଉନଥିବାର ଜଣାପଡ଼ିଛି । ଆମେରିକାରେ ବଡ଼ଦିନ ଅବସରରେ ପଞ୍ଚତାରକା ହୋଟେଲଗୁଡ଼ିକ ଦାମୀ ଡିଜାଇନର କେକ୍ ପ୍ରସ୍ତୁତ କରିଥାନ୍ତି, ହେଲେ ଏଥରକ ସ୍ଥିତି ଅଲଗା । ରୋମାନ୍ ଶାସନ ସମୟରୁ ହିଁ ପ୍ରଥମେ କେକ୍ ତିଆରି ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ସେତେବେଳେ ଅଣ୍ଡା, ଡ୍ରାଏଫ୍ରୁଟସ୍, ମହୁ, ଖିରରେ ହିଁ କେକ୍ ତିଆରି ହେଉଥିଲା, ପରେ ଇଂଲଣ୍ଡରେ ଏହି ଖାଦ୍ୟର ଆଦର ବଢ଼ିଲା । ଇଂଲଣ୍ଡର ସେଫ୍‌ମାନେ କେକ୍‌କୁ ବିଭିନ୍ନ ଆକାର ଦେବା ସହ ସ୍ୱାଦକୁ ମଧ୍ୟ ଗୁରୁତ୍ୱ ଦେଲେ । ୧୭୮୫ ବେଳକୁ ସ୍ପେନ୍, ପୋଲାଣ୍ଡ, ଆମେରିକାରେ ଜନ୍ମଦିନ କେକ୍‌ର ଆଦର ବଢ଼ିଲା । ସେତେବେଳେ କେକ୍ କିଣିବା ଥିଲା ଆଭିଜାତ୍ୟର ପରିଚୟ । ମହଙ୍ଗା ସାମଗ୍ରୀ ଯେପରି ଅଲିଭ ତେଲ, ବଟର, ଡ୍ରାଏଫ୍ରୁଟସ୍ ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ହେଉଥିବା କେକ୍‌କୁ କେବଳ ଧନିକବର୍ଗର ଲୋକ ନିଜ ପିଲାଙ୍କ ଜନ୍ମଦଦିନରେ କିଣୁଥିଲେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ପୋଷଣ .....

ଗତ ବୁଧବାର ଦିନ କେନ୍ଦ୍ର ସରକାର ଜାତୀୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ହଟାଇ ତା ପରିବର୍ତ୍ତେ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଯୋଜନା । ଅର୍ଥନୀତିକ ବ୍ୟାପାର ଉପରେ ଥିବା କ୍ୟାବିନେଟ କମିଟି ଏହି ଯୋଜନା ଉପରେ ଅନୁମୋଦନର ମୋହର ମାରିଛି । ଏହି ଯୋଜନାରେ ସରକାରୀ ଏବମଂ ସରକାରୀ ସହାୟତାପ୍ରାପ୍ତ ସ୍କୁଲମାନଙ୍କରେ ଦିନରେ ପିଲାମାନଙ୍କୁ ଅନ୍ତତଃ ଗୋଟିଏ ଥର ଗରମ ଖାଦ୍ୟ ପ୍ରଦାନ କରାଯିବ । ଦେଶକୁ ମହାମାରୀ କୋଭିଡ୍-୧୯ ଆସିବା ପରେ ଏହାର ଦାଉରୁ ରକ୍ଷା ପାଇବା ନିମନ୍ତେ ଯେଉଁ ଲକ୍‌ଡାଉନ, ସଟ୍‌ଡାଉନ ଇତ୍ୟାଦି ଜାରି କରାଗଲା, ତା' ଫଳରେ ଅନେକ ଲୋକ, ବିଶେଷକରି ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକମାନେ ସେମାନଙ୍କ କାମଧନ୍ଦା ହରାଇଲେ । ରୋଜଗାର ହରାଇବା ଦ୍ୱାରା ସେମାନେ ନିଜର ପିଲାମାନଙ୍କୁ ଉତ୍ତମ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ସେମାନଙ୍କ ପକ୍ଷେ ଦୁରୂହ ହୋଇ ପଡ଼ିଛି । ଏଭଳି ଏକ ସମୟରେ ୨୦୨୫-୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଥିବା ଏହି କାର୍ଯ୍ୟକ୍ରମ ଯେ ନିଶ୍ଚିତ ଭାବରେ ଦୁସ୍ଥ ପରିବାରର ପିଲାମାନଙ୍କୁ ପାଇଁ ଏକ ବରଦାନ ସାବ୍ୟସ୍ତ ହେବ, ତାହା ନିଃସନ୍ଦେହରେ କୁହାଯାଇପାରେ । ଏହି କାର୍ଯ୍ୟକ୍ରମ ଦେଶର ୧.୧ ମିଲିଅନ୍ ସ୍କୁଲରେ ଅଧ୍ୟୟନ କରୁଥିବା ୧୧.୮ ମିଲିଅନ୍ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାର ଲକ୍ଷ୍ୟ ବହନ କରୁଛି । ଏହି ଯୋଜନାରେ ପାଂଚ ବର୍ଷର ଅବଧି ପାଇଁ କେନ୍ଦ୍ର ସରକାରଙ୍କର ଆର୍ଥିକ ବ୍ୟବସ୍ଥା ୫୪୦୬୦.୭୩ କୋଟି ଟଙ୍କା ହେବାକୁ ଯାଉଥିବାବେଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳମାନଙ୍କର ଅଂଶ ହେବ ୩୧୭୩.୧୭ କୋଟି ଟଙ୍କା । କେନ୍ଦ୍ରଦ ସରକାର ଖାଦ୍ୟଶସ୍ୟ ଉପରେ ହେବାକୁ ଥିବା ଅତିରିକ୍ତ ବ୍ୟୟ ୪୫ ହଜାର କୋଟି ଟଙ୍କା ବହନ କରିବେ, ଯାହା ଫଳରେ ଯୋଜନାର ମୋଟ ବ୍ୟୟ ଅଟକଳ ହେବ ୧୩୦୭୯୪.୯ କୋଟି ଟଙ୍କା । ପିଏମ୍-ପୋଷଣ ଯୋଜନାର ଚାରିଗୋଟି ପ୍ରମୁଖ ଉଲ୍ଲେଖନୀୟ ଦିଗ ରହିଛି । ସେଗୁଡ଼ିକ ହେଉଛି- ପ୍ରଥମତଃ, ଏହା ପ୍ରାକ୍-ପ୍ରାଥମକ ବର୍ଗଙ୍କୁ ଯୋଜନାର ସାମିଲ କରିବ । ଦ୍ୱିତୀୟରେ, ଏହା ପୋଷଣ-ତତ୍ତ୍ୱ ଯୋଗାଇବା ଭଳି ଏକ ବଗିଚା ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରଦି କରିବ । ତୃତୀୟରେ, ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଭୋଜନରେ ପିଲାମାନଙ୍କୁ କେଉଁ ପ୍ରକାରର ଖାଦ୍ୟ ପ୍ରଦାନ କରିବେ, ତାହା ସ୍ଥିର କରିବେ । ଏବଂ ଶେଷରେ, ଏହି ଯୋଜନାର ଯାଂଚ ବା ଅଡିଟ୍ କରାଯିବା ବାଧ୍ୟତାମୂଳକ ହେବ । କହିବା ବାହୁଲ୍ୟ, ଯୋଜନାଟିକୁ ପ୍ରାକ୍-ପ୍ରାଥମିକ ସ୍ତରକୁ ସମ୍ପ୍ରସାରିତ କରାଯିବା ଏବଂ ପୋଷଣ-ତତ୍ତ୍ୱ ଯୋଗାଇବା ଭଳି ବଗିଚା ସୃଷ୍ଟି କରାଯିବା ଅବଶ୍ୟ ପିଲାମାନଙ୍କର ମାନସିକ ଓ ଶାରୀରିକ ବୃଦ୍ଧଦିରେ ସହାୟକ ହେବ । ଡିସେମ୍ବର ୨୦୨୦ରେ ପ୍ରକାଶ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ- ୫ର ପ୍ରଥମ ପର୍ଯ୍ୟାୟର ରିପୋର୍ଟରେ ଅନ୍ତର୍ଭୁକ୍ତ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା । ଏଥିମଧ୍ୟରୁ ୧୩ଟି ରାଜ୍ୟରେ ବାଲ୍ୟାବସ୍ଥା ଷ୍ଟଂଟି ବା ପିଲାମାନଙ୍କ ବୟସ ତୁଳନାରେ ଶାରୀରିକ ବୃଦ୍ଧିର ହାର କମ୍ ଥିବମା ଦେଖିବାକୁ ମିଳିଥିବା ବେଳେ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ରକ୍ତହନୀତାର ହାର ଉଦବେଗଜନକ ଥିଲା ଏବଂ ୧୨ଟି ରାଜ୍ୟରେ ପିଲାମାନଙ୍କର ୱେଷ୍ଟିଂ ବା ବୟସ ତୁଳନାରେ ଶାରୀରିକ ଓଜନ ଯଥେଷ୍ଟ କମ୍ ଥିଲା ଯାହା ଅତ୍ୟନ୍ତ ଚିନ୍ତାଜନକ । ଉଲ୍ଲେଖଯୋଗ୍ୟ ଯେ ଏହି ରିପୋର୍ଟରେ ଏସବୁ କ୍ଷେତ୍ରରେ ତାର ପୂର୍ବ ରିପୋର୍ଟ ତୁଳନାରେ ଯଥେଷ୍ଟ ଅବନତି ଦେଖାଯାଇଥିଲା, ତାହା କୁପୋଷଣର ହାର ଅତ୍ୟଧିକ ବୃଦ୍ଧଦି ପାଇଥିବାକୁ ଦର୍ଶାଇ ମିଲିଅନ୍ ମିଲିଅନ୍ ସଂଖ୍ୟକ ପିଲାଙ୍କ ନିମନ୍ତେ ଏକ ସମ୍ପୂର୍ଣ୍ଣ ଉତ୍ପାଦନଶୀଳ ପ୍ରାପ୍ତବୟସ୍କ ଜୀବନ ବିତାଇବାର ସମ୍ଭାବନା ସମ୍ପର୍କରେ ଆଶଙ୍କା ସୃଷ୍ଟି କରିଥିଲା । ଏହାର ଅର୍ଥ, ଏହି ଗୋପନ ସଂକଟକୁ ଟାଳିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବଳିଷ୍ଠ ଅର୍ଥ ବ୍ୟବସ୍ଥାର ଆବଶ୍ୟକତା ରହିଥିଲା, ଯାହାକୁ ସାମ୍ପ୍ରତିକ କାର୍ଯ୍ୟକ୍ରମ ଜରିଆରେ ପୂରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବାର ଉଦ୍ଦେଶ୍ୟ ବହନ କରୁଥିବା ପିଏମ୍-ପୋଷଣ ଯେ ଉପରେ ଉଲ୍ଲିଖିତ ପରିସ୍ଥିତିରେ ପରିବର୍ତ୍ତନ ଆଣିବ, ଏପରିକି ପରିସ୍ଥିତିକୁ ବିପରୀତାଭିମୁଖୀ କରିବ, ତାହା ଆଶା କରାଯାଉଛି । ପୁନଶ୍ଚ, ଏହି ଯୋଜନା ଅଧୀନରେ ଯେଉଁ ପୋଷଣ-ତତ୍ତ୍ୱ ଯୋଗାଉଥିବା ବଗିଚା ସୃଷ୍ଟି କରିବା ଭଳି ମହତ୍ତ୍ୱାକାଂକ୍ଷା ରଖାଯାଇଛି, ତାହା ମଧ୍ୟ ଏକ ସକରାତ୍ମକ ଚିନ୍ତାଧାରା । ଏହା କେବଳ ଯେ ବିଦ୍ୟାଳୟରେ ପିଲାମାନଙ୍କୁ ପୋଷକ ତତ୍ତ୍ୱସମ୍ପନ୍ନ ଖାଦ୍ୟ ଯୋଗାଇବାରେ ସହାୟକ ହେବ, ତା' ନୁହେଁ, ସଙ୍ଗେ ସଙ୍ଗେ ଏହା ମଧ୍ୟ ପିଲାମାନଙ୍କର ପୋଷଣ-ତତ୍ତ୍ୱ ସମ୍ପନ୍ନ ଖାଦ୍ୟ ଯୋଗାଇବାରେ ସହାୟକ ହେବ, ତା'ନୁହେଁ, ସଙ୍ଗେ ସଙ୍ଗେ ଏହା ମଧ୍ୟ ପିଲାମାନଙ୍କର ପୋଷଣ ତତ୍ତ୍ୱ ସମ୍ବନ୍ଧୀଦୟ ଜ୍ଞାନକୁ ମଧ୍ୟ ବୃଦ୍ଧି କରିବ ।

ପିତୃପକ୍ଷ ଶ୍ରାଦ୍ଧ ଅର୍ପଣ ବନାମ ଚାରା ରୋପଣ

ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟ ସଂସ୍କୃତି ହେଉଛି ବିଶ୍ୱର ସର୍ବ ପୁରାତନ ସଂସ୍କୃତି ମଧ୍ୟରୁ ଅନ୍ୟତମ । ଏହା ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଲୋକମାନଙ୍କ ନିକଟରେ ହିମାଳୟର ପବିତ୍ର ଗଙ୍ଗା ଭଳି ବିକଶିତ ହୋଇଆସୁଛି । ଭାରତୀୟ ସଭ୍ୟତା, ସଂସ୍କୃତି ଓ ବିବିଧତାର ଏକତାରେ ସମୃଦ୍ଧ ଭାରତ ସାଂସ୍କୃତିକ, ଐତିହ୍ୟ ଯେ ଅନ୍ତର୍ଭୁକ୍ତ ଅସ୍ୱୀକାର କରାଯାଇପାରେ ନାହିଁ । ଭାରତୀୟ ସଂସ୍କୃତି ସମସ୍ତ ମାନବିକତାର କଲ୍ୟାଣ ଚାହୁଁଛି । ଏଥିରେ ଜୀବନ, ଜ୍ଞାନ-ବିଜ୍ଞାନ, ଔଷଧ, ରାଜନୀତି ଏବଂ ଅନେକ କିଛି ଅନ୍ତର୍ଭୁକ୍ତ । ଭାରତର ଆତ୍ମା ଭାରତୀୟ ସଂସ୍କୃତିରେ ବାସ କରେ । ଏହାର ସମସ୍ତ ସଂସ୍କୃତି ଆମ ସଂସ୍କୃତିରେ ଅନ୍ତର୍ଭୁକ୍ତ ହୋଇଛି ଯାହା ସନାତନ ଏବଂ ବୈଦିକ କାଳରୁ ଚାଲିଆସୁଛି । ଏହା ଅତ୍ୟନ୍ତ ଉତ୍କୃଷ୍ଟ, ସୁସଙ୍ଗତ, ଅନନ୍ତ ଏବଂ ଜୀବନ୍ତ । ଯେଉଁଥିରେ ଜୀବନ ପ୍ରତି ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଆଧ୍ୟାତ୍ମିକତାର ଏକ ଚମତ୍କାର ମିଶ୍ରଣ ଘଟିଛି । ଆମର ଉଦାରତା ଓ 'ସର୍ବେ ଭବନ୍ତୁ ସୁଖୀନାଃ', 'ବସୁଧୈବ କୁଟୁମ୍ବକମ୍'ର ଐଶ୍ୱରୀୟ ସୂତ୍ର ଉପରେ ଆମର ଗଭୀର ବିଶ୍ୱାସ ଅଛି '। ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ପ୍ରାପ୍ତି ହେଉଛି ଭାରତୀୟ ସଂସ୍କୃତିର ମୈ।ଳିକ ମନ୍ତ୍ର । କିନ୍ତୁ ମାନବିକତାର ନୀତି ଆମ ପାଇଁ ସର୍ବଦା ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହା କୁହାଯାଇପାରେ ଯେ ଭାରତୀୟ ସଂସ୍କୃତି ହେଉଛି ପ୍ରକୃତ ଅର୍ଥରେ ମାନବିକତାର ସଂସ୍କୃତି ।

ଉନ୍ନତ ସଂସ୍କୃତି ଓ ସଭ୍ୟତାର ବିକାଶ ପାଇଁ ସମାଜର ସଂସ୍କୃତି ଦିଗକୁ ଅଧିକ ଉନ୍ନତ- ଉନ୍ନତର, ଦୃଢ଼ରୁ ଦୃଢତର କରିବା ଆବଶ୍ୟକ । ପ୍ରକୃତି, ପରିବେଶ ଓ ମାନବିକତାର ସର୍ବଭାରତୀୟ ବିକଶିତ ପ୍ରକୃତି ଦ୍ୱାରା ଏକ ଉନ୍ନତ ସମାଜ ଗଠନ ହୁଏ । ଯେଉଁଥିରେ କେବଳ ଅତୀତର ପରମ୍ପରା, ରୀତିନୀତି, ଭାଷା, ଉପଭାଷା ଓ ସମ୍ପର୍କକୁ କେବଳ ଉପଯୁକ୍ତ ସ୍ଥାନ ଦିଆଯାଇନଥାଏ, ବରଂ ନୂତନ ପିଢିକୁ ମଧ୍ୟ ସ୍ଥାନ ଦିଆଯାଏ । ଏହା ପାରମ୍ପାରିକ ବିଶ୍ୱାସ ସହିତ ମଧ୍ୟ ଜଡିତ । ଯାହା ଦ୍ୱାରା ପରମ୍ପରା ସହିତ ପରିବେଶ ମଧ୍ୟ ସଂରକ୍ଷିତ ହୋଇପାରିବ । ପିତୃ (ପକ୍ଷ) ଶ୍ରାଦ୍ଧ/ ପୟା ଶ୍ରାଦ୍ଧ ତର୍ପଣ ଭାରତୀୟ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସନାତନ ସଂସ୍କୃତିରେ ପିତୃ ପୁରୁଷଙ୍କ ମହତ୍ୱ ରହିଛି । ପିତୃପୁରୁଷଙ୍କ (ପକ୍ଷ)ଶ୍ରାଦ୍ଧ (ତର୍ପଣ) ଶ୍ରଦ୍ଧା ସହକାରେ କରାଯାଇଥାଏ । ଏହା ଏକ ଧାର୍ମିକ ବିଶ୍ୱାସ ଯେ ପିତୃ ପୁରୁଷଙ୍କ ଶ୍ରାଦ୍ଧ/ ମଉଳା ଶ୍ରାଦ୍ଧ/ ମହାଳୟା ଶ୍ରାଦ୍ଧ ସମୟରେ ପିତୃପୁରୁଷ (ପକ୍ଷ)ଙ୍କ ନାମରେ ଉପାସନା କରି ପିଣ୍ଡଦାନ କଲେ ପରିତ୍ରାଣ ପାଇଥା'ନ୍ତି । ଭାଦ୍ରବ ମାସରେ ଶୁକ୍ଳା ପକ୍ଷ ପୂର୍ଣ୍ଣିମା ଦିନରୁ ଏହା ଆରମ୍ଭ ହୋଇ ଏହା ଅଶ୍ୱିନ ମାସର କୃଷ୍ଣ ପକ୍ଷ ଅମାବାସ୍ୟା ଦିନ ପର୍ଯ୍ୟନ୍ତ ରହିଥାଏ । ଶାସ୍ତ୍ର ଅନୁଯାୟୀ, ଶ୍ରଦ୍ଧାଳୁଙ୍କ ପରେ ପିତୃପୁରୁଷଙ୍କ ସ୍ଥାନ ସମ୍ମାନିତ ହୁଏ । ଏପରିକି ଅଭାବୀ ଲୋକଙ୍କୁ ସାହାଯ୍ୟ କରି ପିତୃପୁରୁଷମାନେ ଯଶ, ଗୁଣ ପାଇବାରେ ସାହାଯ୍ୟ କରନ୍ତି । ପିତୃପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଶ୍ରଦ୍ଧା ସହିତ ଶ୍ରାଦ୍ଧ ପତ୍ର ପକାଇ ତାଙ୍କୁ ସ୍ମରଣ କରିବା ଅବସରରେ, ଏପରି କିଛି କରିବା ଉଚିତ ଯାହା ଉଭୟ ପିତୃପୁରୁଷ ଏବଂ ଭବିଷ୍ୟତ ପିଢ଼ି ପାଇଁ ସର୍ବୋତ୍ତମ ହେବ । ଏକ ଉତ୍ତମ ଭବିଷ୍ୟତ ପାଇଁ ସବୁଜତାର ପରିସର ବୃଦ୍ଧି ପାଇବା ସହ ଏହା ମଧ୍ୟ ସମସ୍ତଙ୍କୁ ସନ୍ତୁଷ୍ଟ କରି ପାରିବ । ଯଦି ସହଜରେ ପିତୃପୁରୁଷଙ୍କ ପ୍ରତି ଶ୍ରାଦ୍ଧ, ପିଣ୍ଡଦାନ, ତର୍ପଣ ପରମ୍ପରାକୁ ବୁଝିହୁଏ, ତେବେ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସହ-ଅସ୍ତିତ୍ୱ ଓ ସମଗ୍ର ପ୍ରାଣୀ ଜଗତକୁ ସହଜରେ ବୁଝି ହେବ । କାରଣ ପ୍ରତି ମନୁଷ୍ୟର ମାତୃତ୍ୱକୁ ପ୍ରକାଶ କରିବାର ଏକ ପରମ୍ପରା ରହିଆସିଛି ।

ଶ୍ରଦ୍ଧାର ସହିତ ପିତୃପୁରୁଷ (ପକ୍ଷ)ଙ୍କୁ ଖାଦ୍ୟ ଦେବା ପ୍ରକୃତରେ ମାତୃତ୍ୱର ଏକ ଗଭୀର ଅନୁଭବ ଓ ପଶୁ ଜଗତ ପ୍ରତି ମନୁଷ୍ୟର ସହଭାଗିତା । ଦୀର୍ଘ ତିନିମାସ ଧରି ଚାଲିଥିବା ବର୍ଷା ପରେ ପରିବେଶରେ ବିଭିନ୍ନ ପରିବର୍ତ୍ତନ ଦେଖାଯାଏ । ବର୍ଷା ସମୟରେ ଅନେକ ପଶୁ ଓ ପକ୍ଷୀ ବାସହୀନ ହୁଅନ୍ତି । ଭୂମିରେ ପାଣି ଥିବାରୁ ସେମାନଙ୍କ ଖାଦ୍ୟର ବ୍ୟବସ୍ଥାରେ ଅସୁବିଧା ଘଟିଥାଏ । ତେଣୁ ସହଭାଗୀତା ସୂତ୍ରରେ 'ସର୍ବେ ଭବନ୍ତୁ ସୁଖୀନାଃ'ଙ୍କ ଆତ୍ମାରେ, ଆମର ସାଧୁ ସନ୍ତମାନେ ଏହି ପିତୃପୁରୁଷଙ୍କ ଶ୍ରାଦ୍ଧ ଅର୍ଥାତ୍ ପୂର୍ବପୁରୁଷମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଦିବ୍ୟା ପରମ୍ପରା ଆରମ୍ଭ କରିଥିଲେ । ଆମର ସାଧୁ, ସନ୍ତମାନେ ଜାଣିଥିଲେ ଯେ ପିତୃପୁରୁଷମାନେ ଶରୀରର ନିମନ୍ତେ ଖାଦ୍ୟ ଗ୍ରହଣ କରି ପାରିବେ ନାହିଁ । କିନ୍ତୁ ସେମାନଙ୍କୁ ଖାଦ୍ୟ ପ୍ରଦାନ କରିବାର ଅନୁଭବ ଯଥେଷ୍ଟ ରହିଛି । ଏପରି ଭାବରେ, ପିତୃପୁରୁଷଙ୍କୁ ଖାଦ୍ୟ ଅର୍ପଣ କରିବାର ପରମ୍ପରା ରୀତିନୀତି ସହିତ ଜୀବଜଗତ ମିଳିତ ହୋଇଥିଲା, ଯାହା ଦ୍ୱାରା ପିତୃପୁରୁଷଙ୍କୁ ଦିଆଯାଉଥିବା ଖାଦ୍ୟ ଘରେ ରହୁଥିବା ପଶୁ ଏବଂ ଅନ୍ୟାନ୍ୟ ଛୋଟ ପ୍ରାଣୀ ଗ୍ରହଣ କରିପାରନ୍ତି ।

ବାସ୍ତବରେ କହିବାକୁ ଗଲେ ପରବର୍ତ୍ତୀ ପିଢ଼ି ସହ ସହଭାଗିତା, ସମାନତା ଓ ସମସ୍ତ ଜୀବଜନ୍ତୁଙ୍କ ପାଇଁ 'ସର୍ବେ ଭବନ୍ତୁ ସୁଖୀନାଃ' ବାର୍ତ୍ତା ପ୍ରଦାନ କରେ । ପିତୃପୁରୁଷଙ୍କୁ ତର୍ପଣ ସହିତ ଗଛ ପ୍ରଦାନ କରିବାର ସୂତ୍ର ଗ୍ରହଣ କରିବାକୁ ପଡିବ । କାରଣ ବିକାଶ ନାମରେ ପୃଥିବୀରେ ପ୍ରଦୂଷଣ ବୃଦ୍ଧି ପାଉଛି । ଗଛ କଟାଯାଉଛି ଏବଂ ନଦୀ ପ୍ରଦୂଷିତ ହେଉଛି । ସବୁଜ ଓ ସବୁଜ ପୃଥିବୀ ବଦଳରେ ଆମେ ଏକ ଗ୍ରହ ସୃଷ୍ଟି ଆଡକୁ ଗତି କରୁଛେ, ଯେଉଁଠି ପ୍ରତିଦିନ ଜଙ୍ଗଲ କଟାଯାଉଛି ଓ ପରିବେଶକୁ ଅଧିକ ମାତ୍ରାରେ ପ୍ରଦୂଷଣ କରୁଛେ । ଏପରି ଏକ ଅଭାବନୀୟ ପରିସ୍ଥିତିରେ, ଏକ ପ୍ରଶ୍ନ ଉଙ୍କି ମାରୁଛି ପିତୃପୁରୁଷଙ୍କ ଦ୍ରୋହ ନହେବା ପାଇଁ ପିତୃ ପୁରୁଷଙ୍କୁ କେବଳ କ୍ଷୀର ପ୍ରଦାନ କରି ଅମ୍ଳଜାନ ହ୍ରାସ ତଥା ପୃଥିବୀରୁ ଜଳ ହ୍ରାସ ପ୍ରତି ଉଦାସୀନ ରହିବା ଉଚିତ କି ? ପୃଥିବୀରୁ ଜଳ ଏବଂ ଅମ୍ଳଜାନ ହ୍ରାସ ଉଭୟ ବର୍ତ୍ତମାନ ଭବିଷ୍ୟତ ପିଢ଼ି ପାଇଁ ଅତ୍ୟନ୍ତ ଭୟଙ୍କର କାରଣ ଅଟେ । ତେଣୁ ମନେ ରଖିବାକୁ ହେବ ଯେପର୍ଯ୍ୟନ୍ତ ପରିବେଶ ନିରାପଦ ରହିବ, ସେପର୍ଯ୍ୟନ୍ତ ମଣିଷର ଅସ୍ତିତ୍ୱ ସମ୍ଭବତଃ ରହିଥିବ । ତେଣୁ, ପରିବେଶର ସୁରକ୍ଷା ଓ ପୃଥିବୀ ପ୍ରଦୂଷଣମୁକ୍ତ ହେବା ସମ୍ପୂର୍ଣ୍ଣ ଆବଶ୍ୟକ । ପ୍ରଦୂଷଣକୁ ହ୍ରାସ କରିବା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗଛର ଶୀତଳ ଛାଇ ଏକ ମାଆର କୋଳ ପରି । ଗଛ ରୋପଣ କରି ମାନବ ସଭ୍ୟତାକୁ ବଞ୍ଚାଇ ପାରିବା ।

ବର୍ତ୍ତମାନ ଓ ଭବିଷ୍ୟତ ପିଢିକୁ ସୁରକ୍ଷିତ ତଥା ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ମଣିଷକୁ ବୃକ୍ଷରୋପଣ ଭଳି ସଂସ୍କୃତିକୁ ଗ୍ରହଣ କରିବାକୁ ପଡ଼ିବ । ପିତୃପୁରୁଷଙ୍କ ଶ୍ରଦ୍ଧାର ଶ୍ରାଦ୍ଧ ଦାନ ସର୍ବୋତ୍ତମ ଅବସରରେ, ଏପରି କିଛି କାର୍ଯ୍ୟ କରିବା ଉଚିତ ଯାହା ଉଭୟ ପିତୃପୁରୁଷ ଏବଂ ଭବିଷ୍ୟତ ପିଢ଼ି ପାଇଁ ଉତ୍ତମ ହେବ । ଚାରା ରୋପଣ ପିତୃପୁରୁଷଙ୍କ ସ୍ମୃତିରେ କରାଯିବା ଆବଶ୍ୟକ । ବୃକ୍ଷରୋପଣ ଅର୍ଥ କେତେକଙ୍କ ପାଇଁ ଆଶ୍ରୟ ଦାନ, ଜୀବନ ନିର୍ବାହ ନିମନ୍ତେ ଅମ୍ଳଜାନ ଦାନ, ଏବଂ କେତେକଙ୍କ ପାଇଁ ମାତାର କୋଳ ପରି ଛାଇ ପ୍ରଦାନ । ଏହାହିଁ ପିତୃପୁରୁଷଙ୍କୁ ଶାନ୍ତି ଓ ପରିତ୍ରାଣ ଦେବ । ତେଣୁ ଆସନ୍ତୁ ପିତୃ ତର୍ପଣ ଭଳି ଈଶ୍ୱରୀୟ ପରମ୍ପରା ଓ ବୃକ୍ଷ ରୋପଣକୁ ସକଳେ ଗ୍ରହଣ କରିବା । ଏ ସମସ୍ତ ପରମ୍ପରାର ଉଦ୍ଦେଶ୍ୟ ହେଉଛି ଆମର ମାତା ପୃଥିବୀ ଏବଂ ପରିବେଶକୁ ସୁରକ୍ଷା ଦେବା । ଭାରତୀୟ ସଂସ୍କୃତିର ମୂଳ ସ୍ଥାନ ଥିବା ପରିବେଶ ସୁରକ୍ଷାକୁ ନିଜେ ଅନ୍ତର୍ଭୁକ୍ତ କରିବାକୁ ପଡିବ । ଏଥିପାଇଁ ପ୍ରକୃତି ଓ ବିକାଶ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାକୁ ପଡିବ ଏଥିରେ ତିଳେ ମାତ୍ର ସଂଦେହର ଅବକାଶ ନାହିଁ...!!!

+ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ ,
କଟକ - ୪
ମୋ: ୯୪୩୭୭ ୪୦୨୮୦

ବିସ୍ମୃତ ବାଳକ ସହିଦ୍ ବାଜି ରାଉତ

ଅମୂଲ୍ୟ କୁମାର ପଣ୍ଡା

ମାତ୍ର ବାର ବର୍ଷ ବୟସରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବ୍ରାହ୍ମଣୀ ନଦୀର ନିଳକଣ୍ଠପୁର ଘାଟରେ ପୁଲିସ ଗୁଳିରେ ସହିଦ ହୋଇଥିଲେ କୋମଳମତି ବାଳକ ବାଜି ରାଉତ ଯାହା ଖାଲି ଓଡ଼ିଶାରେ ନୁହଁ ସମଗ୍ର ଭାରତ ବର୍ଷରେ ଗୋରା ସିପାହୀଙ୍କ ଦ୍ୱାରା କରାଯାଇଥିବା ବର୍ବର ହତ୍ୟାକାଣ୍ଡକୁ ଖୁବ୍ ନିନ୍ଦା କରାଯାଇଥିଲା । ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ବାଜି ରାଉତ ଢେଙ୍କାନାଳ ଜିଲ୍ଲାର ନିଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ପିଲା ବେଳୁ ବାପାଙ୍କୁ ହରାଇ ମା'ଙ୍କଦ୍ୱାରା ପ୍ରତିପାଳିତ ହେଉଥିଲେ । ଇଂରେଜ ସରକାରଙ୍କ ରାଜତ୍ୱ କାଳରେ ଭାରତବର୍ଷରେ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରିତରେ ଜର୍ଜରିତ ହେଉଥିଲେ । ମୋଗଲବନ୍ଦୀ ଅଞ୍ଚଳଗୁଡ଼ିକରେ ଜମିଦାରମାନେ ଏବଂ ଗଡଜାତ ଅଞ୍ଚଳମାନଙ୍କରେ ରାଜାମାନେ ଶାସନ ନାମରେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ସେତେବେଳେ ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂହଦେଓ ପ୍ରଜା ତଥା ଗରିବ ଲୋକ ମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ସେତେବେଳେ ଢେଙ୍କାନାଳର ବୈଷ୍ଣବ ଚରଣ ପଟ୍ଟନାୟକ ନେତୃତ୍ୱରେ ଢେଙ୍କାନାଳ ରାଜାଙ୍କ ବିରୋଧରେ ପ୍ରଜାମଣ୍ଡଳ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ କଲେ ଆଉ ଢେଙ୍କାନାଳ ପ୍ରଜାମଣ୍ଡଳର ବାଜି ରାଉତ ଥିଲେ ତଥାକଥିତ ବାନର ସେନାର ଜନତା କର୍ମୀ । କୋମଳ ବୟସରେ ବାଜି ରାଉତ ଯୋଗ ଦେଇଥିଲେ ଉକ୍ତ ପ୍ରଜାମେଳିରେ । ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖ ଅନ୍ଧାରିଆ ରାତିରେ ପ୍ରଜାମଣ୍ଡଳର କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗି ରହିଥିଲେ ବାଳକ ବାଜି ରାଉତ । ଉକ୍ତ ଦିନ ଘାଟ ଡଙ୍ଗା ଜଗିବା ବାଜି ରାଉତଙ୍କ ପାଳିଥିଲା କାରଣ ପ୍ରଜାମଣ୍ଡଳର ହୁକୁମ ଥିଲା, ନଦୀଘାଟରୁ ଦୁରରେ ଡଙ୍ଗା ଲୁଚେଇ ରଖିବ, ଗୋରା ଫଉଜ ମାନେ ଯେପରି ନଦୀ ପାର ନହୁଅନ୍ତି, ସେମାନଙ୍କ ଗତିବିଧି

ମନେ ପଡୁଛି

ନିହାରିକା ରାୟ ବରାଳ



ଚାରିଆଡ଼େ ମେଘ ପବନ ବର୍ଷା
ପ୍ରତି ବର୍ଷା ଟୋପାରେ
ତମର ସ୍ପର୍ଶ, ଝରୁଛି ଟୋପା ଟୋପା ସ୍ମୃତି
ମନେ ପହୁଛ ତମେ...

ଏ ବର୍ଷା ବର୍ଷୁଛି
ମୋ ଭିତରେ ରିମ୍‌ଝିମ୍ ରିମ୍‌ଝିମ୍
ଏଇ ଅଧାରାତିର ଶ୍ରାବଣ ବର୍ଷା
କେତେ ସୁନ୍ଦର ତାର ଛନ୍ଦ ।

ଅନ୍ତରେ ବାହାରେ ପରିପୂର୍ଣ୍ଣ ମୋହ
ତମେ ଆସନ୍ତିନି ଏମିତି
ବର୍ଷାଟେ ହୋଇ
ଭିଜାଇ ମୋ ତନୁମନ
ନିଟୋଳ ସୌନ୍ଦର୍ଯ୍ୟ

ଆଜି ଏଇ ବର୍ଷାରେ ତମକୁ ନେଇ
କେତେ ଅନୁଭବ, ଶିହରଣ, କଂପନ
ପ୍ରତିଟି ମୁହୂର୍ତ୍ତମୋହମୟ ଆଲିଙ୍ଗନ
ଭିତରେ ଚୁପ୍‌ଚାପ୍ କୋଳାହଳ

ପବନରେ ମହମହ ମହକ
ଝରଣାରେ ଯୁଗଳ ପ୍ରତିବିମ୍ବ
ବହିଯାଏ ମୋ ହୃଦୟରେ କଳକଳ
ମୁଁ ସନ୍‌ମୋହିତ ଆମ ଜନ୍ମଜନ୍ମର
ସଂପର୍କରେ, ସମପିତାରେ
ଶୀତ୍କାରୀ ଉଠୁଛି ମୋ ଆତ୍ମାରେ
ଭରିଦେଇ ତୀବ୍ର ଦରଜ ହିଁ ଦରଜ
ଏ କଣ ବହୁଜନ୍ମର ସାଇତା ଅବଶୋଷ
ତାହା ଆଜି ରୂପାନ୍ତରୀତ ତୀବ୍ର ଦହନ
ଭାରି ମନେ ପଡୁଛି ଗୌତମ...

+ ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ, ବିଜେପି ନଗର
ଭୁବନେଶ୍ୱର

ଦି' ଛକିରେ ଜୀବନ

ଶରତ କୁମାର ଦାସ

କେବେ ହସିଛି ମୁଁ କେବେ କାନ୍ଦିଛି ବି
ଚିତ୍କାର କରିଛି ବି ନିର୍ଜନ ଦ୍ୱୀପରେ
ତା'ର ଇୟତ୍ତା ନାହିଁ ।

କେବେ ଜଳିଛି ଶୁଖିଲା ପତ୍ରଟିଏ ଭଳି
କେବେ ତରଳିଛି ଧୋବ ଫରଫର
ଚାଖଣ୍ଡେ ବରଫ ଖଣ୍ଡ ଭଳି,
ଆଉ କେତେବେଳେ ଝରିପଡୁଥିବା
ଉତ୍ତପ୍ତ ଆଗ୍ନେୟଗିରିରୁ
କୁଢକୁଢ ତରଳ ଲାଭା ଭଳି ।

ଆଉ କେତେବେଳେ ଭାସିଛି
ଆକାଶର ପ୍ରଶସ୍ତ ଛାତିରେ
ଭାସମାନ ମେଘଖଣ୍ଡ ଭଳି ।

ଜୀବନର ଅନାବନା ସଫେଦ
ପୃଷ୍ଠା ଉପରେ କେତେଥର ଆଙ୍କିଛି
ନିଷିଦ୍ଧ ଉପତ୍ୟକାର ଛବି
ନିଶୀଥ ପ୍ରହରେ ଏକା ଏକା ବସି,
ଆଉ କେତେବେଳେ ଶବ୍ଦରେ
ଜୀବନ ଦେଇଛି, ଝଙ୍କାର ତୋଳିଛି
ଫୁଟାଇଛି ନୀଳକଇଁ
ମରୁର ବାଲୁକା ଶଯ୍ୟାରେ ।

କେତେବେଳେ ସାଜିଛି ମୁଁ
ନିଷ୍ଠୁର ଆତତାୟୀ ମଧ୍ୟ
ଜାଳିପୋଡି ଧ୍ୱଂସକରିଦେବାକୁ
ରଙ୍ଗମହଲର ରଙ୍ଗିନ୍ ଛବି ।

ଡାହାଣିଆ ଖରାବେଳେ
ଦେଖିଛି ମୁଁ ମେଘମାନଙ୍କ କୋଳାହଳ,
ଦେଖିଛି ମୁଁ ଲମ୍ବା ଏକ ଅଦୃଶ୍ୟ ପଥ,
ଲମ୍ବିଛି ଯେ ଲମ୍ବିଛି କେଉଁ ଏକ ଅନାଦି କାଳରୁ
ବରଗଛର ଓହଳ ଭଳି ଗୁଡାଇ ହୋଇ ରହିଛି
ଯୁଗ ଯୁଗ ଧରି
ଜାବୁଡି ଧରିଛି କିଟିମିଟି ବହଳ ଅନ୍ଧାର ।

କ'ଣ ମୁଁ ଚାହେଁ ଜୀବନ ଠୁ ?
କ'ଣ ମୋ ପରିଚୟ ?
ସୁନ୍ଦର ଏକ ବାୟା ଚଢେଇର ବସା ?
ନା ଆଉ କିଛି ?

ପରିଚୟ ମୁଁ ହଜାଇ ସାରିଛି
ଠିକଣା ମୋ ଅସ୍ପଷ୍ଟ,,
ପ୍ରାଣଶୂନ୍ୟ ପାଳଭୂତଟିଏ
ଶୂନ୍ୟ ଆକାଶ ତଳେ ମୁଣ୍ଡ ଟେକି
ଆଖି ମିଟି ମିଟି କରୁଛି
ଫଟା କଳାହାଣ୍ଡିର ଖୋଳପା ଭିତରେ
ଉଜୁଡି ଯାଇଥିବା କ୍ଷେତର ଫୁଙ୍ଗୁଳା ଛାତିରେ ।

ସ୍ୱପ୍ନର ଉଇହୁଙ୍କା ଭାଙ୍ଗିଗଲା ପରେ
ଜୀବନର ଯେତକ ଭଗ୍ନାଂଶ ଭୁଲ ହୋଇଯାଏ
କେତେବେଳେ ସମାହିତ ତ
ଆଉ କେତେବେଳେ ଅସମାହିତ ।
ଝରୁଥାଏ ଲୁହ, ଲହୁ ,ସ୍ୱେଦବିନ୍ଦୁ
ଜୀବନ ଯୁଦ୍ଧରୁ ,
ପ୍ରତ୍ୟକ୍ଷରେ ତ ପୁଣି କେତେବେଳେ ପରୋକ୍ଷରେ ।

ତଥାପି ଥକେ ନାହିଁ ଜୀବନ
ସାଲିସ୍ କରେନାହିଁ
ହାର୍ ଜିତ୍ ର ଦି' ଛକିରେ
କିରି କିରି ହସୁଥାଏ ଜୀବନ
ଫୁଙ୍ଗୁଳା ସନ୍ୟାସୀଟିଏ ଭଳି
ଯୁଗ ଯୁଗ ଯାଏ ।।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ସ୍ୱପ୍ନ ଯେବେ ଆସେ

ରଶ୍ମି ସାମଲ

ସ୍ୱପ୍ନ ଯେବେ ଆସେ ଧୀରେ
ରାତିର ନିରବ ପ୍ରହରେ
କୁଢ କୁଢ ମୃତ ଆଶାମାନେ
ଡେଣା ଫଡ୍ ଫଡ୍ କରନ୍ତି
ସଂଜୀବିତ ହୁଅନ୍ତି ଶିରାପ୍ରଶିରା
ବିଶ୍ୱାସର ସବୁଜ ଘେରରେ ।

ବିରହ ଯନ୍ତ୍ରଣାରେ ଜର୍ଜରିତ ହୃଦେ
କଦମ୍ବର ମହକ ଛୁଟେ
ନେସି ହୋଇଯାଏ ସାତରଙ୍ଗର ବର୍ଣ୍ଣାଳୀ
କେଉଁ ଏକ ଦୂର ଦିଗନ୍ତରେ ।

ନିର୍ଜନରେ ଛମ୍ ଛମ୍ ଶୁଭେ
ନୂପୁରର ଆମୋଦିତ ଶବ୍ଦ
ମନର ଅଗଣାରେ ବର୍ଷିଯାଏ ବର୍ଷା ଅଦିନରେ
ଉବୁଟୁବୁ ହୁଏ ପ୍ରାଣସତ୍ତା
ତନ୍ମୟର ନବ ପୁଲକରେ ।

ଜହ୍ନର ଶୀତଳ ଜ୍ୟୋତ୍ସ୍ନାରୁ
ଟପଟପ ଖସେ ପ୍ରୀତିର ପୀୟୂଷ

ପ୍ରେମର ମଳୟ ଛୁଟେ ବିନା ବସନ୍ତରେ
ଜୁଇ ଯାଇ ହେନାର ବାସ୍ନାରେ
ଦୋଳାୟିତ ହୁଏ ଖୁସିର ତରଙ୍ଗ
ରଙ୍ଗ ଢାଳେ ଇନ୍ଦ୍ରଧନୁ ନିର୍ମଳ ଆକାଶେ ।

ଅନେକ ଥର ଭାବେ ମୁଁ
ନଇଁ ନଇଁ ଆସନ୍ତି ସ୍ୱପ୍ନ ଟିଏ ହୋଇ
ଧରେଇ ଦିଅନ୍ତି କୋଟି ପାରିଜାତ
ମୋ ପ୍ରିୟାର ଶୂନ୍ୟ ପାପୁଲିରେ ।

ଆତ୍ମତୃପ୍ତିର ଚିର ଆହ୍ଲାଦିତ
ହୁଅନ୍ତା ଯେତେ କାତରତା
ନିଃଶ୍ୱାସରେ ତା'ଗଳୁରି ଉଠନ୍ତା
ଗୋଲାପର ଗୁଲ୍ଲ କେଉଁ ଏକ
ସୂର୍ଯ୍ୟସ୍ନାତ ସ୍ୱର୍ଣ୍ଣିମ ମୁହୂର୍ତ୍ତରେ ।

ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

ସେହି ସକାଳର ଅନ୍ୱେଷଣରେ

ରଶ୍ମୀବାଳା ଶତପଥୀ

ସେହି ସକାଳର ଅନ୍ୱେଷଣରେ
ଯାତ୍ରା ଆରମ୍ଭ କରିଛି
ପାଦର ଶିକୁଳି ଖୋଲି ମୁଁ ଦେଇଛି

ଡେଣା ଝାଡି ମୁଁ ଉଡ଼ିବା ଶିଖୁଛି,
ଉଡି ଉଡି ଚାଲିଯିବି ସ୍ୱପ୍ନ ସହରକୁ
ମୋ ସ୍ୱପ୍ନର ନାୟିକା ନିଜେ ସାଜିଛି ।

ଆଶାର ଅସ୍ତ୍ରରେ ପଞ୍ଜୁରୀକୁ ଭାଙ୍ଗି
ମୁଠାଏ ସ୍ୱପ୍ନକୁ ଆଦରି,
ଖୋଜୁଛି ଠିକଣା ସ୍ୱପ୍ନ ସହରରେ
ନ ଥିବ ସେଠି ସ୍ମୃତି ଯେ କାହାରି ।

ଲୋଡା ନାହିଁ ଆଉ ମିଛ ଆଶ୍ୱାସନା
ଲୋଡା ନାହିଁ ମୋର ସହାନୁଭୂତି,
ଫେରିବ ଜୀବନରେ ନୂତନ ସକାଳ
ସୁରୁଜକୁ ମୁଁ କରିବି ସାଥୀ ।

ଅତୀତର ସେଇ ସ୍ନିଗ୍ଧ ସକାଳର
ଅଭୁଲା ସ୍ମୃତି ଚାପି ବକ୍ଷରେ,
ଆଜି ସେଦିନର ସ୍ୱର୍ଣ୍ଣ ସ୍ୱପ୍ନ ଖୋଜେ
ହୃଦୟର ବ୍ୟଥା ଗୁମୁରି କାନ୍ଦେରେ ।

ଅଣ ନିଃଶ୍ୱାସ ହୋଇ ଯାଇଛି ଆଜି ମୁଁ
କଷ୍ଟରେ ନେଉଛି ନିଃଶ୍ୱାସ ପ୍ରଶ୍ୱାସ,
ସେହି ସକାଳର ଅନ୍ୱେଷଣରେ
କରିଚାଲିଛି ଶତ ପ୍ରୟାସ ।

+ ସ୍ଥାନ - ଯାଜପୁର ଟାଉନ୍ ଯାଜପୁର

ବର୍ଷା,ମୁଁ ଆଉ ତନୁପ୍ରିୟା

ସୁବ୍ରତ କୁମାର ଜେନା

ବରଷା ଝରିଲେ ଆମ ଗାଁ ଛାତିରେ
ମନେ ପଡ ତୁମେ ତନୁ ପ୍ରିୟା,
ବରଷା ହଜିଲେ ନୀଳ ଆକାଶରେ
ନୀଳ କଇଁର ବେଦନା ଅକୁହା ।

ବରଷା ଝରିଲେ ମୟୂରୀ ଯେମିତି
ଶିହରଣେ ନାଚି ନାଚି ଯାଏ,
ତୁମରି ଆଗମେ ମୋମନ ସେମିତି
ଝୁମି ଝୁମି ମତୁଆଲା ହୁଏ ।

ବରଷା ଝରିଲେ ପ୍ରକୃତି ଦେହରେ
ଯେତେ ଚଂଚକତା ଖେଳିଯାଏ,
ତୁମେ ଆସି ଯେବେ ହସି ଚାହଁ ନାହିଁ
ବିଷାଦରେ ମନ ଭରି ଯାଏ ।

ତରୁଲତା ଗଣ ଆଜି ଖୁସିରେ ଅଧିର
ପ୍ରାଣ ପ୍ରିୟା ବର୍ଷାକୁ ପାଖେ ପାଇ,
ତୁମେ କିନ୍ତୁ କାହିଁ ହୋଇଗଲ ବନ୍ଦୀ
ରଜିତ ଭାଇର ଶବ୍ଦରେ ଛନ୍ଦି ହୋଇ ।

ତନୁପ୍ରିୟା ତୁମ କଳାଘୂମର କେଶ ଗହଳରେ
ବର୍ଷା ଛୁଆଁ ସେ ଲାଜୁଆ ଲାଲ ଓଠ,
ପ୍ରୀତିକ୍ଲାନ୍ତ ମୁଁ ସଦା ନିଘୋଡ଼ରେ ଶୋଇ
ସବୁ ଭୁଲି ପଢେ ପୀରତିର ଚୋରା ପାଠ ।

ତୁମ ଚଉତା ଚିଠିର ଚୋରା ପୀରତିରେ
ଚୁମା ଭିଜା ପୁଣି ପ୍ରତିଟି ଶବ୍ଦ ସନ୍ଧିରେ,
ମୁଁ ଗୋଟା ପଣେ ଭିଜେ ତୁମରି ସ୍ୱପ୍ନରେ
ଶୀତୁଆ ରାତିର ଶ୍ରାବଣ ଛିଟାରେ ।

+ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ) ୮୨୪୯୨୨୦୮୩୦

ଏକା ଏକା ଜୀଇଁବାରେ...

ଶ୍ରୀ ସତ୍ୟବ୍ରତ ସାହୁ

ଏକା ଏକା ଜୀଇଁବାରେ କେତେଯେ ଯାତନା ଅଛି ଜୀଇଁଛି ଯିଏ ସେ ସିନା ଜାଣିଛି,
ଆକାଶକୁ ଦୂର କରି ମାଟିକୁ ଆପଣା କରି କୁହ କିଏ ସାରା ସୁଖ ପାଇଛି ।(୦)

ଆକାଶକୁ ଯେବେ ହାତ ବଢ଼ାଇଲି ଆକାଶ ଦୂରେଇ ଗଲା
ପ୍ରତି ବଦଳରେ ଝଡ଼ ବରଷାକୁ ସହିବାକୁ ଯାହା ଦେଲା
ମାଟିର ଆପଣାପଣ ପ୍ରୀତି ପରଶର ଋଣ ଜୀଇଁବାର ରାହା ଟିକେ ଦେଇଛି ।
ଏକା ଏକା ଜୀଇଁବାରେ...(୧)

ମାଟି-ନଭ ମଧ୍ୟେ ଦଣ୍ଡାୟମାନ ମୁଁ ନିରିମାଖି ଗଛଟିଏ
ମାଟି ଆଶ୍ଳେଶରେ ଝଡ଼ର ଯାତନା ନିମିଷେ ଦୂରେଇ ଯାଏ
ବରଷା, ବତାସ ଆଉ ଚଢେଇ, ବାଟୋଇ ଠାରୁ କେତେ କେତେ ନୂଆ କଥା ଜାଣୁଛି ।
ଏକା ଏକା ଜୀଇଁବାରେ...(୨)

ଏକା ଏକା ଜୀଇଁବାରେ କେତେଯେ ଯାତନା ଅଛି ଜୀଇଁଛି ଯିଏ ସେ ସିନା ଜାଣିଛି,
ଆକାଶକୁ ଦୂର କରି ମାଟିକୁ ଆପଣା କରି କୁହ କିଏ ସାରା ସୁଖ ପାଇଛି । (୦)

+ ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
(ମୋ) ୯୩୩୮୧୬୫୬୧୯

ମେଘ କୋଳେ ଦିନେ କୁନା ସେଠୀ

ବାଟେ ଯାଉ ଯାଉ ଭେଟ ହୋଇଗଲା
ମେଘର ସାଥୀରେ ଦିନେ
ଅଚାନକ ଭେଟି ଚକିତ ହୋଇଲି
ଭାବିଲି ମୁଁ ମନେ ମନେ ।

ଅଦିନରେ ଆଜି ଭେଟିଲି ତାହାକୁ
କେମିତି କରିବି ଭାବ
ଅଭାବ ରେ ମୁହିଁ ଘାରି ହେଉଅଛି
କେମିତି ପାଇବି ଲାଭ ।

ଭିଜି ଭିଜି ମୁହିଁ ତାହାରି କୋଳରେ
କହିଲି ମନର କଥା
ମୋର କଥା ଶୁଣି ହସିଲା ମେଘ ଯେ
ହଲାଇ ନିଜର ମଥା ।

ଛୁଇଁ ଦେଇ ଗଲା ଦେହକୁ ମୋହର
ପଚାରି ଅନେକ କଥା
ବୁଝିଗଲା ସିଏ ଭଲ ରୂପେ ପୁଣି
ମୋ ମନ ର ସବୁ ବ୍ୟଥା ।

ପଚାରିଲି ତାକୁ ମନର ପ୍ରଶ୍ନ କୁ
ଚତୁର ପଣରେ ମୋର
ହସି ହସି ମତେ ଦେଲା ସେ ଉତ୍ତର
ଦୂର କରି ଡର ମୋର ।

ଜନମ ମରଣ ସତ ଅଟେ ସିନା
ଆଉ ସବୁ ବାବୁ ମିଛ
ନ ଥିଲା କିଛି ତ ରହିବନି କିଛି
ତୋର ବା ଆଗ ପଛ ।

ଆଣିନୁ କିଛି ତୁ ନେବୁ ନାହିଁ କିଛି
ସବୁ ଯିବୁ ତୁହି ଛାଡ଼ି
ଯାହା ଅରଜୁଛୁ ଅନ୍ୟପାଇଁ ସବୁ
ମିଛ ମାୟା କୋଳେ ପଡି ।

ତୋର ଅହଙ୍କାର ତୋର ବଡ ପଣ
ସବୁ ହୋଇଯିବ ଶେଷ
ଆଖିବୁଜି ଯେବେ ବିଦାୟ ତୁ ନେବୁ
ଧରି ଶବ ଟିର ବେଶ ।

ପୁଣ୍ୟ ବୋଲି ତୁହି ଯାହା ତୁ ଭାବୁଛୁ
କର ପିଲାବେଳୁ ତାକୁ
ସେହି ପୁଣ୍ୟ ଲଭି ପାରି ହେବୁ ତୁହି
ଦୁଃଖ ଭରା ସଂସାରକୁ ।

ବଞ୍ଚିବା ପାଇଁ ତ ଯାହା ଦରକାର
ତାହା ରୋଜଗାର କର
ଅନ୍ୟାୟ ଭାବରେ ଅନ୍ୟର ହାତରୁ
କେବେ ବି ଚୋରି ନ କର ।

କାମ ବାହାନାରେ ଲାଞ୍ଚ ନାମ ନେଇ
ରୋଜଗାରକୁ ନ କର
ଅନ୍ୟର ଆଖିରୁ ଲୁହ କୁ ଝରାଇ
ଖୁସିରେ କି ବଞ୍ଚିପାର ।

କୁଟ କପଟରେ ଜୀବନ କଟାଇ
ଶାନ୍ତିରେ କି ରହିପାର
ଛଳନା ଭାବରେ ଅନ୍ୟ ଲୁହ ପିଇ
ଶାନ୍ତିରେ କି ଶୋଇପାର ?

ଉପଦେଶ ପାଇ ମେଘର କୋଳରେ
ଦେହ ମୋ ଶୀତେଇ ଗଲା
କେତେ ସୁନ୍ଦର ସେ ବାରତା ଦେଇଣ
ମୋ ମନକୁ କିଣି ନେଲା ।

ମନେ ରହିବ ମୋ ତାହାରି କଥାକୁ
ଯାହା ମତେ କହିଗଲା
ବିଜୁଳି ଚମକି ଘଡ଼ି ଘଡି ଡାକି
ଧୀରେ ସେ ଉଭେଇ ଗଲା ।

ଭୂତସରସିଙ୍ଗି,ଗଞ୍ଜାମ

କାଶତଣ୍ଡି

ପ୍ରଶାନ୍ତ କୁମାର ନାଥ

ନଇପଠା ଏବେ ହସି ଉଠିଲାଣି
କାଶତଣ୍ଡି ଫୁଲସାଥେ
ପବନର ସାଥେ ନାଚି ଉଠୁଥାଏ
ଆଶିନର ମଧୁଗୀତେ ।

ଧୋବ ଫର ଫରକି ସୁନ୍ଦର ଆହା
ମନ ରହିଯାଏଲାଖି
ମନରେ ଅନେକ ଭାବନା ଆସଇ
ମନୋରମ ଦୃଶ୍ୟ ଦେଖି ।

ପାର୍ବଣରଋତୁ ଆସିଗଲା ପରେ
କାଶତଣ୍ଡି ଫୁଟି ଅଛି
ସଭିଙ୍କ ମନରେ ସତେକି ଯେମିତି
କହିଯାଏସିଏକିଛି ।

କବିଲେ ଖୁଅଛି କବିତା ଅନେକ
କାଶତଣ୍ଡି ଫୁଲ ଦେଖି
ଗୀତିକାର ମନ ହୁଅଇ ବିଭୋର
ବସି ଯାଏ ଗୀତ ଲେଖି ।

ପ୍ରେମିକର ମନ ହୁଏ ଛନ ଛନ
ପ୍ରେମରେ ସେ ବୁଡିରୁହେ
କେଜାଣି କାହିଁକି କାଶତଣ୍ଡି ଫୁଲ
ପ୍ରେମର ପୁରଭିଗାଏ ।

+ ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର ।
(ମୋ) ୦୮୮୯୨୩୦୧୧୪୩

ମନ୍ଦାର ଫୁଲ

ଶିବ ପ୍ରସାଦ ବାହିନୀପତି

ମନ୍ଦାର ବୋଲି ନାମଟି ମୋହର
କେତେ ଯେ ରଙ୍ଗ ବେରଙ୍ଗ
ବାଡ଼ି ବଗିଚାରେ ସବୁଠି ଥାଏ
ପଲ୍ଲବ ପୋତିଲେ ହୁଅଇ ଗଛ ।
ରକ୍ତ ଶ୍ୱେତ ପୀତ ଗୋଲାପୀ ରଙ୍ଗ
ନୀଳ ସହିତରେ ଘୃତ ରଙ୍ଗ ରୂପ
କେତେ ରଙ୍ଗରେ ରଞ୍ଜିତ ହୋଇ
ବଢ଼ାଇ ଥାଏ ମୁଁ ପାଟ ସୌନ୍ଦର୍ଯ୍ୟ ।
ସବୁ ରଙ୍ଗରେ ମୁଁ ସବୁଠି ଥାଏ
ଦର୍ଶନେ ଦର୍ଶକ ମନ ମୋହିନିଏ
ସଭିଙ୍କର ମୁଁ ଅଟେ ଆଦରଣୀୟା
ମତେ ବା ଭୁଲି ପାରୁଛି କିଏ ?
ପୂଜା ପାଇଁ ମତେ ନିଅନ୍ତି ତୋଳି
ମୋ ଲାଗି ସୁନ୍ଦର ବଗିଚା ବାଡ଼ି
ଠାକୁର ମଥାରେ ମତେ ଆଦରେ
ଯତନେ ଖଞ୍ଜାଏ ବଗିଚା ମାଳି ।
ସବୁ ରୂପର ଗୁଣ ମୋର ସମାନ
ଅର୍ଥ ଅନେକ ଅଛି କହୁଛି ଶୁଣ
ମୋ ଗୁଣ ମହାତ୍ମ୍ୟ ମୋତେ ହିଁ ଜଣା
କିସ ଜାଣିବେ ବା ଏ ନର ଅଜ୍ଞାନ ।
ନାଲି ମନ୍ଦାରଟିଏ ଦିଏ ସନ୍ଦେଶ
ଜୀବନେ ନହୁଅ କେବେ ହତାଶ ।
ବୁଝି ବିଚାରିକି କାର୍ଯ୍ୟ କରିଲେ
ନଆସିବ ପ୍ରାଣେ କେବେ ବତାସ ।
ଘୃତ ରଙ୍ଗରେ ରଞ୍ଜିତ ମୁଁ ପୁଷ୍ପ
ଦିଅଇ ସରବେ ଏଇ ସନ୍ଦେଶ
ପରକୁ ଆପଣା କରିବ ଯଦି
ମିତ୍ର ହେବ ଶତ୍ରୁ କଥାଟି ସତ ।
ଶ୍ୱେତ ଜବାର ସଙ୍କେତ ଏଇ
ଶୁଣ ବାଳକେ ମନ ଲଗାଇ
ଆମେରେ ସର୍ବେ ଭଉଣୀ ଭାଇ
ସ୍ନେହ ପ୍ରେମରେ ଦେବା ଭସାଇ ।
ଜାତିଭେଦ ସବୁ ଉଠାଇ ଦିଅ
ଆପଣାପଣରେ ଭସାଇ ଦିଅ
ପର-ଆପଣା ଭାବକୁ ଭୁଲି
ଖୁସିରେ ଶାନ୍ତିରେ ଦିନ କଟାଅ ।
ଗୋଲାପୀ ମନ୍ଦାର କଥାଟି ଶୁଣ
ନିଜକୁ ନମଣ କେବେ ହେଁ ରୁଗ୍ଣ
ଜୀବନଟା ଭାଇ ସରସ ସୁନ୍ଦର
ପରାଣେ ଭର ସ୍ନେହ ସୁଗୁଣ ।
ଏମିତି ଅନେକ ଗୁଣ ତ ଅଛି
ସନ୍ନ୍ୟାସୀ ସିନା ବୁଝି ପାରନ୍ତି
ବିଜ୍ଞାନୀ ବୁଝେ ସିନା ଏ ଗୁଣ ନୀତି
ଅଜ୍ଞାନ କି ଏହା ବୁଝି ପାରନ୍ତି !!
ମୋ ପରି ରୁହ ପୁଷ୍ପଟେ ହୋଇ
କାହା ସାଥେ ନରଚ ବିବାଦ କେହି
ଆମେ ସର୍ବେ ମିତ୍ର ଭଉଣୀ-ଭାଇ
ମାନିଲେ ଅନ୍ତେ ବୈକୁଣ୍ଠେ ରହି ।

+ ସମ୍ପାଦକ -ଉଦୟ ଭାନୁ, ସା-ପୋ -
ଭାଟପଡ଼ା, ଭା- ନିରାକାରପୁର
ଜି-ପୁରୀ

ପ୍ରିୟା ଗଜଲ

ମହମ୍ମଦ ହନିଫ୍ ସାହା

ପ୍ରିୟା ସହ ପ୍ରଥମ ଦେଖା ସେଦିନ ହୋଇ ଥିଲା
ହୃଦୟ ନାଚୁଥିଲା ମୋ ଆଖି ଲାଖି ଯାଇଥିଲା...!!
ସୁନା ବୋଳା ଦେହକୁ ଦେଖୁଥିଲା ମୋହରି ଆଖି
ଚାନ୍ଦ ପରି ସୁନ୍ଦର ତା'ର ମୁହଁଟି ଦିଶୁଥିଲା...!!

ମୃଗ ନୟନୀ ପରି ତା'ର ଆଖି ପତା ଗୁଡ଼ିକ
ଓଠ ଯୋଡ଼ି ରକ୍ତ ଜବା ଲାଲି ଲାଲି ଦିଶୁଥିଲା...!!
ଷୋହଳ ବୟସୀର ଲହକା ରାଜହଂସୀ ଚାଲି
ଦେଖି ତହିଁ ମନଟି ମୋହର ଝୁମି ଯାଉଥିଲା...!!

ସକାଳୁ ସଞ୍ଜ ହୋଇ କେମିତି ରାତି ପାହିଯାଏ
ଭାବନାରେ ଖାଲି ତା'କୁ ଏଠି ସେଠି ଖୋଜୁଥିଲା...!!
ଭାବୁକ ହୋଇ ମନ ଲେଖୁଥିଲା କେତେ ଗଜଲ
କେବେ ଆକାଶ ପୁଣି କେବେ ଧରାରେ ବୁଲୁଥିଲା..!!

କଥା ନୁହେଁ ସେତ କୋଇଲିର କୁହୁକୁହୁ ତାନ
ଟିକେ ମୁରୁଖି ହସିଲେ ମିଠା ମହୁ ଝରୁଥିଲା...!!
ଲାଜୋଇ ସେ ଅଳସୀ ପ୍ରିୟା ଓଢଣା ମୁଣ୍ଡେ ଦେଇ
ଚାଲିଲେ ଧିରେ ପାଉଁଜି ଛମ୍ ଛମ୍ ଶୁଭୁଥିଲା...!!

+ ନୂଆଗାଁ, ଧାମନଗର,
ଭଦ୍ରକ
(ମୋ) ୯୭୭୬୦୯୦୮୨୪

ବର୍ଷା ଓ ମୁଁ

କୃଷ୍ଣା ମିଶ୍ର

ରୋଷେଇ ଘରର ଝର୍କାରୁ ଦେଖୁଥିଲି ସେଇ
ପହିଲି ବର୍ଷାର ଧାରାକୁ,
ବାଦଲ ଗର୍ଜି ବିଜୁଳିର ରୋଶଣିରେ
ଆମନ୍ତ୍ରଣ କରୁଥିଲା ଜଳବିନ୍ଦୁର ନୃତ୍ୟକୁ...
ବିନ୍ଦୁ ବିନ୍ଦୁ ବର୍ଷା, ଝରକା କାଚ
ବାଡେଇ ଡାକୁଥିଲେ,
ଆ ! ଭିଜି ଭିଜି ଖେଳିବା !
ଝୁରୁଥିଲି, ଖୋଜୁଥିଲି....
ମୋ ଅନ୍ତରର ଶୈଶବଟା ଧାଉଁଥିଲା ଭିଜିବାକୁ,
ଆକଟ କରିଥିଲି ତାକୁ, ଟାଣ କରି ହୃଦକୁ....
ଆରେ ! କାଚ କାନ୍ଥଟିଏ ପରା.....
ବର୍ଷା ଓ ମୋ ଭିତରେ !!!!!
ମୁଁ ଯେ ବୟସର ଅପରାହ୍ନରେ,
ସେ ତ ଚିର ଯଉବନ ଭରା....
ଦିନେ ରିମ୍ ଝିମ୍ ସଙ୍ଗୀତ କୁ ଗାଇ,
ଛମ୍ ଛମ୍ ଛନ୍ଦରେ ନାଚୁଥିଲି,
କାଗଜର ଡଙ୍ଗା କେତେ ଭସାଇ,
ଛତା ବିନା ବାଟ ମୁଁ ଚାଲୁଥିଲି ....
ଶୈଶବ ରେ ଡାକୁଥିଲି ବର୍ଷା କୁ,
ବୁଝୁ ନଥିଲି, ବିଜୁଳି ର ବେଗକୁ,
ଭାବି ମୁଁ ଭୟଭୀତ ହୁଏ ଆଜି,
ମିଛ ରେ ବର୍ଷାକୁ ବଦନାମ କରୁଛି....

+ ରାୟଗଡ଼, ଛତିଶଗଡ
(ମୋ)୯୩୦୧୦୧୨୩୩୩

ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କ ଭୁବନେଶ୍ୱର ରେଳ ଷ୍ଟେସନ ନୀରିକ୍ଷଣ

ଭୁବନେଶ୍ୱର,୪/୧୦ (ନି.ପ୍ର): ରେଳ ମନ୍ତ୍ରଣାଳୟର ରେଳବାଇ ବୋର୍ଡ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନୀତ ଶର୍ମା ତାଙ୍କର ଦିନିକିଆ ଭୁବନେଶ୍ୱର ଗସ୍ତ ସମୟରେ ଭୁବନେଶ୍ୱର ରେଳ ଷ୍ଟେସନ ନୀରିକ୍ଷଣ କରିବା ସହିତ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ, ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ରେଳବାଇ ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହ ଏହି ଅଂଚଳର ଚାଲୁରହିଥିବା ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି ।

ଭୁବନେଶ୍ୱର ରେଳ ଷ୍ଟେସନର ନୀରିକ୍ଷଣ ସମୟରେ ଶ୍ରୀ ଶର୍ମା ଯାତ୍ରୀ ମାନଙ୍କୁ ଦିଆଯାଉଥିବା ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣମାଧ୍ୟମ ସହିତ କଥାବାର୍ତା ସମୟରେ ଶ୍ରୀ ଶର୍ମା କହିଛନ୍ତି ଯେ ଅନେକ ଯାତ୍ରୀ ସୁବିଧା ଗୁଡିକର ପୁନଃ ବିକାଶ କରାଯାଇଥିବା ବେଳେ ଅନ୍ୟ କିଛି ବିକାଶ ପ୍ରକ୍ରିୟାରେ ଅଛି । ରେଳବାଇର ଚଳପ୍ରଚଳ ବିସ୍ତୃତ ସ୍ଥାନ (ସର୍କୁଲାର କ୍ଷେତ୍ର) କଙ୍କୋର୍ସ, ପ୍ଲାଟଫର୍ମ ଆଲୋକୀକରଣ, ପ୍ରତୀକ୍ଷା କକ୍ଷ, ଶୌଚାଳୟ, ଏସ୍କାଲେଟର, ଲିଫ୍ଟ ଏବଂ ଯାତ୍ରୀମାନଙ୍କ ଆରାମଦାୟକ ପାଇଁ ଆବଶ୍ୟକ ଯାତ୍ରୀସୁବିଧା ଗୁଡିକ ପ୍ରତି ପ୍ରାଥମିକତା ଦିଆଯାଉଅଛି । ରେଳବାଇ ପ୍ରତୀକ୍ଷା ଗୃହରେ (ୱେଟିଂ ହଲରେ) ଟ୍ରେନକୁ ଅପେକ୍ଷା କରିଥିବା କିଛି ଯାତ୍ରୀଙ୍କ ସହ ଶ୍ରୀ ଶର୍ମା ମଧ୍ୟ କଥାବାର୍ତା କରି ଯାତ୍ରୀ ସୁବିଧା ସମ୍ବନ୍ଧରେ ପଚାରି ବୁଝିଥିଲେ।

ଶ୍ରୀ ଶର୍ମା କହିଛନ୍ତି ଯେ ଭୁବନେଶ୍ୱର ଷ୍ଟେସନକୁ ଏକ ବିଶ୍ୱ ସ୍ତରୀୟ ଷ୍ଟେସନରେ ବିକଶିତ କରାଯିବ। ଭୁବନେଶ୍ୱର ଷ୍ଟେସନ ପାଇଁ ପୁନଃ ବିକାଶ ଯୋଜନା ହୋଇସାରିଛି। ରେଲୱେ ବିଡିଏ ସହିତ ସମନ୍ୱୟ ରକ୍ଷା କରୁଛି ଏବଂ ଏକ ମିଳିତ ଯୋଜନା କାର୍ଯ୍ୟକ୍ଷମ ହେଉଛି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ରେଳ ଜମି ବିକାଶ ପ୍ରାଧିକରଣ (ଆରଏଲଡିଏ) ବିକାଶମୂଳକ କାର୍ଯ୍ୟର ରେଳବାଇ ଅଂଶର କାମ କରିବ ଏବଂ ବାକି କାମ ବିଡିଏ ଦ୍ୱାରା କରାଯିବ। ଏହି କାର୍ଯ୍ୟକୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ପ୍ରୋଜେକ୍ଟରେ ଗୋଟିଏ ପ୍ଲାଟଫର୍ମ ଏବଂ ଦୁଇଟି ଅତିରିକ୍ତ ଲାଇନ ଯୋଗ କରାଯିବ।

ଭୁବନେଶ୍ୱର ଷ୍ଟେସନର ବିକାଶ ବ୍ୟତୀତ ଭୁବନେଶ୍ୱର ନୂତନ ରେଳ ଷ୍ଟେସନକୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନର ଉପ-ଟର୍ମିନାଲ ଷ୍ଟେସନ ଭାବରେ ବିକଶିତ କରାଯାଉଛି। ଓଡିଶାର ଚାଲିଥିବା ସମସ୍ତ ରେଳ ପ୍ରକଳ୍ପରେ ଜାତୀୟ ଗୁରୁତ୍ୱ ରହିଛି। ରେଳବାଇ ପ୍ରକଳ୍ପଗୁଡିକ ପାଇଁ ସମସ୍ତ ଆନୁସଙ୍ଗିକ ବିଷୟ କାର୍ଯ୍ୟକାରୀ କରାଯାଉଅଛି। ପ୍ରକଳ୍ପଗୁଡିକ ପାଇଁ ଜମି ଅଧିଗ୍ରହଣ ପାଇଁ ରେଳବାଇ ରାଜ୍ୟ ସରକାରଙ୍କଠାରୁ ସହାୟତା ନେଉଛି। ପରେ ଶ୍ରୀ ଶର୍ମା ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ରେଳବାଇର ବିଭିନ୍ନ ବିଭାଗ ଗୁଡିକର ପ୍ରମୁଖ ବିଭାଗୀୟ ଅଧିକାରୀ, ବରିଷ୍ଠ ଅଧିକାରୀ ଏବଂ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ସହିତ ରେଳ ସଦନ ଠାରେ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଉଭୟ ପଣ୍ୟ ଏବଂ ଯାତ୍ରୀ ପରିବହନ ସେବା ଗୁଣବତାକୁ ଉନ୍ନତ କରିବା ପାଇଁ ଶ୍ରୀ ଶର୍ମା କହିଛନ୍ତି ଯେ, ସୁରକ୍ଷା ଉପରେ ଧ୍ୟାନ ଦେବା, ଟର୍ମିନାଲ ବନ୍ଦୋବସ୍ତକୁ ହ୍ରାସ କରିବା, ମଧ୍ୟବର୍ତୀ ବ୍ଲକ ସିଗନାଲିଂ ମାଧ୍ୟମରେ ଲାଇନ କ୍ଷମତା ବୃଦ୍ଧି, ସ୍ୱୟଂଚାଳିତ ବ୍ଲକ ସଙ୍କେତ ପ୍ରଣାଳୀ ଏବଂ ଆନୁସଙ୍ଗିକ କର୍ମଚାରୀ ମାନଙ୍କର ସଠିକ ପରିଚାଳନା ତଥା ପରାମର୍ଶ ପାଇଁ ବିଶେଷ ଧ୍ୟାନ ଦିଆଯିବା ଉଚିତ । ସମୀକ୍ଷା ବୈଠକ ସମୟରେ ଶ୍ରୀ ଶର୍ମା ଉନ୍ନତ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରଣାଳୀ ପାଇଁ ପୂର୍ବତଟ ରେଳପଥକୁ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ ରେଳବାଇରେ ଆମର କାର୍ଯ୍ୟ ପ୍ରତି ଆମର ମନୋଭାବ ଏବଂ ଅଖଣ୍ଡତା ପାଇଁ ଗର୍ବ କରିବା ଉଚିତ୍ । ସମସ୍ତ କର୍ମଚାରୀଙ୍କ ଯତ୍ନ ନେଇ ସେମାନଙ୍କୁ ଉତ୍ସାହିତ କରିବା ଦରକାର ଏବଂ ରେଳବାଇ ମାନବ ସମ୍ବଳ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରକଳ୍ପ ସମୀକ୍ଷା ବୈଠକରେ ମହାପ୍ରବନ୍ଧକ୍ରୀ ବିଦ୍ୟା ଭୂଷଣ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରୟ ଏବଂରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ୱାଲଟିୟର ଏବଂ ସମ୍ବଲପୁରର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଏହି ବୈଠକରେ ଭିଡିଓ କନଫରେନ୍ସ ଜରିଆରେ ଅଂଶଗ୍ରହଣ କରିଥିଲେ।

ସେପ୍ଟେମ୍ବର ମାସରେ ରାଜ୍ୟରେ ୧୦,୮୨୮ ଆକ୍ରାନ୍ତ ଚିହ୍ନଟ, ୧୭୪ ମୃତ

ଭୁବନେଶ୍ୱର,୪/୧୦ (ନି.ପ୍ର): ରାଜ୍ୟରେ କରୋନାର ଦ୍ୱିତୀୟ ଲହର ନିମ୍ନଗାମୀ ହେବାରେ ଲାଗିଛି। ଗତ ମେ, ଜୁନ୍ ମାସରେ ରାଜ୍ୟରେ ଦୈନିକ ସଂକ୍ରମଣ ୧୦ ହଜାର ପାଖାପାଖି ରହୁଥିବା ବେଳେ ଗତ ସେପଟ୍ଟେମ୍ବର ମାସବ୍ୟାପୀ ୧୦,୮୨୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାସହ ୧୭୪ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି।

ଦୈନିକ ସଂକ୍ରମଣ ୫ଶହ ତଳକୁ ଖସି ଆସିଥିବା ବେଳେ ତଥାପି ବିପଦ ଟଳିନାହିଁ। ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ସତର୍କ ରହିବାକୁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିବେଦନ କରି ଆସୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ପାର୍ବଣ ଭିଡ଼ ଉପରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯିବ। ବିଶେଷକରି ସପିଂ ସମୟରେ ଭିଡ଼କୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ସ୍କାର୍ଡ ନଜର ରଖିବ। ଯେଉଁଠାରେ ସଂକ୍ରମଣ ବଢ଼ି ସେଠାରେ ପୁଣି କଣ୍ଟେନମେଣ୍ଟ ଓ ମାଇକ୍ରୋକଣ୍ଟେନମେଣ୍ଟ କରାଯିବ। ଏବେ ଦୈନିକ ଟେଷ୍ଟିଂ ୬୦-୭୦ହଜାର କରାଯାଉଥିବା ବେଳେ ତାହା ଜାରି ରହିବ ବୋଲି ଡା.ମହାପାତ୍ର କହିଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରେ ୪୭୮ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଧାରୁ ସର୍ବାଧିକ ୨୧୧, କଟକ ୫୭, ଜଗତସିଂହପୁର ୨୯, ଯାଜପୁର ୧୬, ମୟୂରଭଞ୍ଜ ୧୩ ଓ ଷ୍ଟେଟ୍ ପୁଲରୁ ୪୭ଜଣଙ୍କୁ ଚିହ୍ନଟ କରାଯାଇଛି। ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୨୭ହଜାର ୪୩୧କୁ ବୃଦ୍ଧି ପାଇଛି। ଏହାସହ ଆଉ ୭ଜଣ କରୋନାରେ ପ୍ରାଣ ହରାଇଛନ୍ତି। ଫଳରେ ମୃତକଙ୍କ ସଂଖ୍ୟା ୮୨୦୯ରେ ପହଞ୍ଚିଛି। ରାଜ୍ୟରେ ଆଜି ୫୭୯ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଯାହାଫଳରେ ସମୁଦାୟ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୪୭୫୭କୁ ଖସି ଆସିଛି। ଅନ୍ୟପଟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୦ଲକ୍ଷ ୧୪ହଜାର ୪୧୨କୁ ବୃଦ୍ଧି ପାଇଛି।

ଶାନ୍ତିସ୍ତୁପ ତରଫରୁ ୧୪ଜଣଙ୍କୁ ସ୍ୱୟଂସିଦ୍ଧା ସମ୍ମାନ

ଭୁବନେଶ୍ୱର,୪/୧୦ (ନି.ପ୍ର): ଓଡ଼ିଆ ମାସିକ ଖବର କାଗଜ ଶାନ୍ତିସ୍ତୁପ ତରଫରୁ ୧୪ଜଣ ପ୍ରତିଭାଙ୍କୁ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଶାନ୍ତିସ୍ତୁପ ଖବର କାଗଜର 'ଦୁର୍ଗାପୂଜା ସ୍ୱତନ୍ତ୍ର ସଂଖ୍ୟା ଉତ୍ସବ ଅବସରରେ ହୋଟେଲ ଏକ୍ସଲେନ୍ସି ଠାରେ ସନ୍ଧ୍ୟାରେ ଆୟୋଜିତ ମୁଁ ବି ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଯୋଗଦେଇ ଶାନ୍ତିସ୍ତୁପର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ସମାଜରେ ନାରୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ଓ ଆଗାମୀ ଦିନରେ ରହିବ ମଧ୍ୟ। ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ନାରୀର ପ୍ରଚ୍ଛନ୍ନ ହାତ ରହିଥାଏ। ଏଥିପାଇଁ ନାରୀଜାତି ସବୁବେଳେ ବନ୍ଦନୀୟା ଓ ମହନୀୟା। ତେଣୁ ଏଭଳି ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ ହେଲେ ଅନେକ ଯୁବତୀ ଆଗାମୀ ଦିନରେ ସମାଜରେ ଭଲ କାମ କରିବା ପାଇଁ ପ୍ରେରଣା ଯୋଗାଇବ। ସମ୍ମାନିତ ଅତିଥି ଭାବେ ବିଜେଡ଼ିର ମୁଖପାତ୍ର ସୁଲତା ଦେଓ, ଶିକ୍ଷାବିତ୍ ରୋଜି ରଥ ଏବଂ ମୁଖ୍ୟ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଯୋଗ ଦେଇ ନାରୀମାନେ ସମାଜରେ ନିଜକୁ ନିୟୋଜିତ କରି କିଛି ଭଲ କାମ କରିପାରିଲେ ଆଗାମୀ ଦିନରେ ଏହିଭଳି ସ୍ୱୟଂସିଦ୍ଧା ସମ୍ମାନ ପାଇବା ପାଇଁ ହକ୍‌ଦାର ହୋଇପାରିବେ।

ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଗ୍ୟଲକ୍ଷ୍ମୀ ମିଶ୍ର, ରଶ୍ମିତା ପାତ୍ର, ପ୍ରଜ୍ଞା ପାରମିତା ଜେନାମଣି, ଜୟଶ୍ରୀ ନାୟକ, ମଧୁସ୍ମିତା ନାୟକ, ସରସ୍ୱତୀ ମିଶ୍ର, ରେଖା ଚିନ୍ନାରା, ସ୍ମୃତିସ୍ୱେତା ଦାସ, କବିତା ମଞ୍ଜରୀ ପରିଡ଼ା, ଅନିମା କହାଁର, ଅନୁସୂୟା ମାଝୀ, ବିଭାରାଣୀ ପାତ୍ର, ଦେବଯାନୀ ବୋଷ ଏବଂ ସୀମାଦ୍ରି ତନୟାଙ୍କୁ ଅତିଥିମାନେ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ।

ଗବେଷଣା ଆଗକୁ ବଢ଼ିବ କେମିତି ? : ପିଏଚ୍‌ଡି, ଏମ୍‌ଫିଲ୍‌ରେ କମୁଛନ୍ତି ବିଦ୍ୟାର୍ଥୀ

ଭୁବନେଶ୍ୱର : ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ଗବେଷଣା ପାଇଁ କୋଟିକୋଟି ଟଙ୍କା ଆସୁଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ହାତ ବଢ଼ାଇବା ସହ ରୁସା, ୟୁଜିସି, ବିଶ୍ୱବ୍ୟାଙ୍କରୁ ପ୍ରଚୁର ଅର୍ଥ ମିଳୁଛି। ତା'ପରେ ବି ସରକାରୀ ଶିକ୍ଷାନୁଷ୍ଠାନରେ ଆଗେଇ ପାରୁନି ଗବେଷଣା। କାଁ ଭାଁ ଗୋଟିଏ ଦୁଇଟି ବିଶ୍ୱବିଦ୍ୟାଳୟ କେତେବେଳେ କେମିତି ଗବେଷଣା କ୍ଷେତ୍ରରେ ସଫଳ ହୋଉଛନ୍ତି। ସ୍ଥିତି ଏମିତି ହେଲାଣି କି ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପିଏଚ୍‌ଡି ଓ ଏମ୍ ଫିଲ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଧୀରେଧୀରେ କମିବାରେ ଲାଗିଛି। ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଗବେଷଣାରତ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଉକ୍ତ ଦୁଇ ଶିକ୍ଷାବର୍ଷରେ ସରକାରୀ ବିଶ୍ୱବିଦ୍ୟାଳୟରେ ଜଣେ ବି ହେଲେ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଆସି ନ ଥିବା ଜଣାପଡ଼ିଛି।

ଉଚ୍ଚଶିକ୍ଷା ବିଭାଗ ତଥ୍ୟ କହୁଛି; ୨୦୧୯-୨୦ ଶିକ୍ଷାବର୍ଷରେ ରାଜ୍ୟର ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୭୯୬ ଜଣ ଏମ୍.ଫିଲ୍ ଓ ୪୭୭ ଜଣ ପିଏଚ୍‌ଡି ଛାତ୍ରଛାତ୍ରୀ ରହିଥିଲେ। ଉକ୍ତ ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୧୫୯ ଜଣ ଏମ୍‌ଫିଲ୍ ଓ ୧୧୦ ଜଣ ପିଏଚ୍‌ଡି କରୁଥିଲେ। ୨୦୨୦-୨୧ରେ ୬୧୮ ଜଣ ଏମ୍.ଫିଲ୍ ଓ ୪୪୩ ଜଣ ପିଏଚ୍‌ଡିରେ ନାମ ଲେଖାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୧୧୪ ଜଣ ଛାତ୍ରଛାତ୍ରୀ ଏମ୍‌ଫିଲ୍‌ରେ ନାମ ଲେଖାଇଥିବା ବେଳେ ସମ୍ବଲପୁରରେ ସର୍ବାଧିକ ୧୧୩ ଜଣ ପିଏଚ୍‌ଡି ନାମ ଲେଖାଇଛନ୍ତି। କଳାହାଣ୍ଡି, ରାଜେନ୍ଦ୍ର ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନୂଆ କରି ପ୍ରତିଷ୍ଠା ହୋଇଥିବାରୁ ଗତ ଦୁଇ ବର୍ଷ ମଧ୍ୟରେ କେହି ବି ଛାତ୍ରଛାତ୍ରୀ ପିଏଚ୍‌ଡି କରି ନାହାନ୍ତି। ତେବେ ଏହି ସମୟରେ ଖଲ୍ଲିକୋଟରେ ୧୯ ଜଣ ଓ ରାଜେନ୍ଦ୍ରରେ ୪୨ ଜଣ ଏମ୍‌ଫିଲ୍‌ରେ ନାମ ଲେଖାଇଥିଲେ। ୨୦୨୦-୨୧ରେ ୭ଟି ବିଶ୍ୱବିଦ୍ୟାଳୟରେ କେହି ପିଏଚ୍‌ଡି କରି ନ ଥିବା ବେଳେ ୪ଟି ବିଶ୍ୱବିଦ୍ୟାଳୟରେ ଜଣେ ବି ହେଲେ ଛାତ୍ରଛାତ୍ରୀ ଏମ୍.ଫିଲ୍‌ରେ ନାମ ଲେଖାଇ ନାହାନ୍ତି। ୬ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ନାମଲେଖା ହୋଇପାରି ନାହିଁ।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ବିଦେଶୀ ଛାତ୍ରଛାତ୍ରୀଙ୍କ ପସନ୍ଦ ପାଲଟିଥିଲେ ମଧ୍ୟ ସରକାରୀ ବିଶ୍ୱବିଦ୍ୟାଳୟରେ ସେମାନଙ୍କ ସ୍ଥିତି ନେ ?ରାଶ୍ୟଜନକ ରହିଛି। ଅଲ୍ ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେସନ (ଏଆଇଏସ୍‌ଏଚ୍‌ଇ) ରିପୋର୍ଟ ଅନୁଯାୟୀ ଦେଶରେ ପଢ଼ିବାକୁ ଆସୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦୁଇ ପ୍ରତିଶତରୁ ଅଧିକ ଓଡ଼ିଶାକୁ ଆସୁଛନ୍ତି। ୨୦୧୮-୧୯ତୁଳନାରେ ୨୦୧୯-୨୦ ଶିକ୍ଷାବର୍ଷରେ ଅଧିକ ସଂଖ୍ୟକ ପିଲା ଓଡ଼ିଶା ଆସିଛନ୍ତି। ସ୍ନାତକ ପାଠ୍ୟକ୍ରମଗୁଡ଼ିକରେ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କ ଆଗ୍ରହ ଅଧିକ ରହୁଛି। ପିଏଚ୍‌ଡି ପାଠ୍ୟକ୍ରମରେ ବି କିଛି ପିଲା ପଢୁଛନ୍ତି। ତେବେ ଏମ୍.ଫିଲ୍, ପିଜି ଡିପ୍ଲୋମା, ଡିପ୍ଲୋମା, ସାର୍ଟିଫିକେଟ୍ ଓ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ କେହି ବିଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଆସୁନାହାନ୍ତି। ୨୦୧୬-୧୭ରେ ଓଡ଼ିଶାରେ ୩୦୯ଜଣ ବିଦେଶୀ ପଢୁଥିବା ବେଳେ ୨୦୧୮-୧୯ରେ ଏହି ସଂଖ୍ୟା ୫୩୬ରେ ପହଞ୍ଚିଥିଲା। ୨୦୧୯-୨୦ରେ ୧୧୫୯ ଜଣ ପଢୁଥିଲେ। ୫୮ଜଣ ପିଏଚ୍‌ଡି କରୁଥିଲେ। ଭୁବନେଶ୍ୱରରେ ଥିବା ଘରୋଇ ଓ ଡିମଡ୍ ବିଶ୍ୱବିଦ୍ୟାଳୟ, ଜାତୀୟ ଶିକ୍ଷାନୁଷ୍ଠାନରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ୨୦୧୮-୧୯ରେ ୧୬ରେ ଥିବା ବେଳେ ୨୦୧୯-୨୦ରେ ୧୪ତମ ସ୍ଥାନକୁ ଉଠିଥିଲା। କର୍ଣ୍ଣାଟକରେ ସର୍ବାଧିକ ୧୦ ହଜାର ୨୩୧ଜଣ ଅର୍ଥାତ୍ ୨୧% ବିଦେଶୀ ଛାତ୍ରଛାତ୍ରୀ ପଢୁଥିବା ରିପୋର୍ଟରେ ଉଲ୍ଲେଖ ହୋଇଥିଲା।

ରାଜ୍ୟରେ ୪୦୭ କରୋନା ଆକ୍ରାନ୍ତ ଚିହ୍ନଟ: ୬ ମୃତ

ଭୁବନେଶ୍ୱର,୪/୧୦ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ ୪୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭୪ଜଣ ୧୮ ବର୍ଷରୁ କମ୍ ବର୍ଗର ଅଛନ୍ତି। ୪୦୭ ଆକ୍ରାନ୍ତଙ୍କ ମଧ୍ୟରୁ ୨୩୮ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୧୬୯ଟି ହେଉଛି ଲୋକାଲ କେସ୍। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୭ଜଣ ଚିହ୍ନଟ ହୋଇଛନ୍ତି।

ଅନୁଗୋଳ ଜିଲ୍ଲାରୁ ଦୁଇ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬, ବରଗଡ଼ରୁ ଜଣେ , ଭଦ୍ରକରୁ ୨, କଟକରୁ ୬୩, ଦେବଗଡ଼ରୁ ୨, ଜଗତସିଂହପୁରରୁ ୧୮, ଯାଜପୁରରୁ ୧୭, କଳାହାଣ୍ଡି ୩, କେନ୍ଦ୍ରାପଡ଼ାରୁ ୧୦, କୋରାପୁଟରୁ ୩, ମାଲକାନଗିରିରୁ ଜଣେ, ମୟୂରଭଞ୍ଜରୁ ୨୬, ନୟାଗଡ଼ରୁ ୫, ପୁରୀରୁ ୧୯, ସମ୍ବଲପୁରର ୧୧, ସୁନ୍ଦରଗଡ଼ରୁ ୨ ଓ ଷ୍ଟେଟ୍ ପୁଲ୍‌ରୁ ୩୯ ଜଣ ଅଛନ୍ତି।

ଏହା ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୨୮,୩୬୬ କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୦,୧୫,୦୧୮ ଜଣ ସୁସ୍ଥ ହୋଇସାରିଥିବା ବେଳେ ୫୦୭୫ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କରୋନାରେ ପ୍ରାଣ ହରାଇଥିବା ଆଉ ୬ଜଣଙ୍କ ସଂପର୍କରେ ସରକାର ସୂଚନା ଦେଇଛନ୍ତି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୨୨୦କୁ ବୃଦ୍ଧି ପାଇଛି। ଖୋର୍ଦ୍ଧାରୁ ୫ ଜଣ ଆକ୍ରାନ୍ତ ଆଖି ବୁଜିଥିବା ବେଳେ କଟକରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ଜଳାଶୟ ନିକଟରେ ପର୍ଯ୍ୟଟନ ଭିତ୍ତିଭୂମି ବଢ଼ିବ: ସାଇନ୍ସ ପାର୍କ, ସଂଗ୍ରହାଳୟ ନିର୍ମାଣ ହେବ

ଭୁବନେଶ୍ୱର ,୪/୧୦ (ନି.ପ୍ର): ରାଜ୍ୟର ବିଭିନ୍ନ ଡ୍ୟାମ୍ ଏବଂ ଜଳାଶୟକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଜଳାଶୟ ନିକଟରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ କରାଯିବା ସହ ସାଇନ୍ସ ପାର୍କ ଓ ସଂଗ୍ରହାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଜଳାଶୟ/ ଡ୍ୟାମ୍ ନିକଟରେ ଭିତ୍ତିଭୂମି ସୁଦୃଢ କରିବା ପାଇଁ ରାଜ୍ୟ ସରକାର ଡ୍ୟାମ୍ ପିଛା ୩ରୁ ୪କୋଟି ଖର୍ଚ୍ଚ କରିବେ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ନିଷ୍

ସତୀର୍ଥ ପକ୍ଷରୁ ଗାନ୍ଧୀସ୍ମୃତିପୀଠ ଉଦ୍‌ଘାଟିତ

ପ୍ରେମ, କରୁଣା ଓ ଅହିଂସା ଥିଲା ଗାନ୍ଧିଜୀଙ୍କ ଜୀବନର ମୁଖ୍ୟ ଅସ୍ତ୍ର



କେନ୍ଦ୍ରାପଡ଼ା,୦୪/୦୯ (ନି.ପ୍ର): ଭାଷା, ସାହିତ୍ୟ, ସଂସ୍କୃତି ଓ ସମାଜସେବାର ଅଗ୍ରଣୀ ଅନୁଷ୍ଠାନ 'ସତୀର୍ଥ' ପକ୍ଷରୁ ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ଆୟୋଜିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀସ୍ମୃତି ପୀଠ, ରକ୍ତଦାନ ଶିବିର ଓ ସାହିତ୍ୟ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡ଼ିଶାର ପ୍ରଖ୍ୟାତ କବି ତଥା ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟଶାଣୀ କହିଲେ 'ପ୍ରେମ, କରୁଣା ଓ ଅହିଂସାର ପ୍ରତୀକ ଥିଲେ ମହାତ୍ମାଗାନ୍ଧୀ, ଯିଏ ତାଙ୍କ ଜୀବନରେ ଏହାକୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରି ବ୍ରିଟିଶ ଶାସକଙ୍କୁ ବିଦା କରିବା ସହସାରାବିଶ୍ୱରେ ପୂଜା ପାଉଛନ୍ତି। କୋରାଗ୍ରାମର ସରସ୍ୱତୀ ଛକ ଠାରେ ଜାତିର ପିତାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରି କବି ଡଃ ପାଟଶାଣୀ ଆତ୍ମ ବିଭୋର ହୋଇ କହିଲେ, 'ବିଶ୍ୱବନ୍ଦିତ ଏହି ମହାତ୍ମାଙ୍କ ତ୍ୟାଗ ଓ ଦେଶ ପାଇଁ ଉତ୍ସର୍ଗୀକୃତ ଜୀବନ ସାରା ବିଶ୍ୱକୁ ଏବେ ଅନୁପ୍ରାଣିତ କରୁଛି। ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପୂର୍ବ ତଟ ରେଳପଥର ବରିଷ୍ଠ ଜନ ସଂପର୍କ ଅଧିକାରୀ ତଥା ବିଶିଷ୍ଟକବି ଓ ଲେଖକ ନିରାକାର ଦାସଗ୍ରାମାଞ୍ଚଳରେ ମହାତ୍ମାଙ୍କ ପ୍ରତିଶ୍ରଦ୍ଧାର ଉତ୍ସୁକତା ଦେଖି ଅବିଭୂତ ହୋଇ କହିଲେ, ଅହିଂସା ସହିତ ଗାନ୍ଧିଜୀଙ୍କ ସରଳତା, ବିନମ୍ରତା ଓ ସେବା ପରାୟଣତା ତାଙ୍କୁ ମହାତ୍ମା କରିଛି। ଗାନ୍ଧିଜୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୀବନଚର୍ଯ୍ୟାକୁ ଆଲୋକପାତ କରି ଶ୍ରୀ ଦାସ କହିଲେ, ବିନମ୍ରତା ଏଭଳି ଏକ ଅସ୍ତ୍ର ଯାହା ସବୁ ଯୁଦ୍ଧରେ ବିଜୟୀ ହେବ ଓ ସବୁ ହୃଦୟକୁ ଜୟ କରି ପାରିବ। ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ପ୍ରଗତିଶୀଳ କବି ତଥା 'ହେନ୍ତାଳ'ର ସଂପାଦକ ଶିକ୍ଷାବିତ୍ ହେମନ୍ତ କୁମାର ରାଉତ ମହାତ୍ମାଙ୍କ 'ବୈଷ୍ଣବ ଜନକୋ' ଭଜନର ତାତ୍ପର୍ଯ୍ୟ ଓ ଏହାର ଅର୍ଥ ଉପରେ ଆଲୋକପାତ କରିଥିଲେ। 'ସତୀର୍ଥ'ର ସଭାପତି ଅମ୍ବର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କୋରୋ ପଞ୍ଚାୟତର ସରପଞ୍ଚତଅପୋଇ ମଲ୍ଲିକ, ସମାଜସେବୀ ତାରିଣୀ ପ୍ରସାଦ ଜେନା ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ମନ୍ମଥ ନାଥ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କବି ରଂଜନ କୁମାର ବାଇଙ୍କର କବିତା ପୁସ୍ତକ 'କାନ୍‌ଭାସରେ ଭୋକ' ଉନ୍ମୋଚିତ ହୋଇଥିଲା। ରକ୍ତଦାନ ଶିବିରକୁ ସଂପାଦକ ତଥା କବି ମନ୍ମଥ ନାଥ ବରାଳ ଦ୍ୱାରା ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ତଥା ଆଇନିଜ୍ଞ ରାମକୃଷ୍ଣ ଦାଶ, ସ୍ୱପ୍ନାଂଶୁ ଦାସ, କବି ମେଜର ଭରତ ଜେନା, ଡଃ ରତ୍ନାକରମଲ୍ଲିକ, ଶୈଳଜା ସାମଲ, ଅଧର ଚନ୍ଦ୍ରଜେନା, ମାଧବ ମଲ୍ଲିକ, କୈଳାସ ରାଉତ, ଟିଟିକାନ୍ତ ନାୟକ, ବସନ୍ତ ମଲ୍ଲିକ, ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରମୁଖ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ କବି ସୁନାକର ରାଉତ, ଅଜୟ ପାତ୍ର, ଯାମିନୀ ଦାସ, ଫଗୁଚରଣ ସ୍ୱାଇଁ, ପ୍ରମୋଦ ରାଉତ, କେଶବ ସାମଲ, ବର୍ଷା ବରାଳ, ଲିଜା ନାୟକ, ପ୍ରିୟଙ୍କା ବିଶ୍ୱାଳ, ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ ଝଲିଶିରୁ ଉର୍ଦ୍ଧ୍ୱ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସମାରୋହରେ ବ୍ୟଙ୍ଗକବି ଅପର୍ଣ୍ଣା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଅଶୋକସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ମହେଶ୍ୱର ନାୟକ, ଭାଗବତ ଷଡ଼ଙ୍ଗୀ, ଚକ୍ରଧର ସେଠୀ ଓ ମଧୁସୂଦନ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମୁଦାୟ ଅଠେଇଷ ଜଣ ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଟିକସ ଠକେଇର ସବୁଠୁ ବଡ଼....

କୁହାଯାଉଥିବା ସଚିନ ତେନ୍ଦୁଲକର ଏବେ ବେଶ ଚର୍ଚ୍ଚାରେ । ଟିକସ ଫାଙ୍କିବା ପାଇଁ ବିଦେଶରେ ଟଙ୍କା ରଖିଥିବା ବ୍ୟକ୍ତିଙ୍କ ମଧ୍ୟରେ ସଚିନଙ୍କ ନାଁ ବି ସାମ୍ନାକୁ ଆସିଛି । ସଚିନଙ୍କ ସମେତ ପତ୍ନୀ ଅଞ୍ଜଳୀ ତେନ୍ଦୁଲକର ଓ ଶ୍ୱଶୁର ଆନନ୍ଦ ମେହତାଙ୍କର ନାଁ ବି ରହିଛି । ଅନୀଲ ଅମ୍ବାନୀ: ଭାରତର ପ୍ରତିଷ୍ଠିତ ଉଦ୍ୟୋଗପତି ଅନୀଲ ଅମ୍ବାନୀ ନିଜକୁ ଦେବାଳିଆ ଘୋଷଣା କରିଥିଲେ ବି ତାଙ୍କର ଓ ତାଙ୍କ ପ୍ରତିନିଧିଙ୍କର ବିଦେଶରେ ଅନେକ ପ୍ରତିଷ୍ଠାନ ରହିଛି । ସେହିପରି ନୀରବ ମୋଦୀ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଲୁଟି ଦେଶରୁ ଫେରାର ହୋଇଥିବା ହୀରା ବ୍ୟବସାୟୀ ନୀରବ ମୋଦୀଙ୍କର ବି ଏହି ପେପର୍ସରେ ନାଁ ରହିଛି । ପାଣ୍ଡୋରା ପେପର୍ସରେ ୩୦୦ ଭାରତୀୟଙ୍କ ତାଲିକା ରହିଛି । ଅତି କମରେ ୬୦ ପ୍ରତିଷ୍ଠିତ ବ୍ୟକ୍ତି ତଥା କମ୍ପାନୀର ଅଫସର ହୋଲଡିଙ୍ଗସର ଯାଞ୍ଚ କରାଯାଉଛି । ଆଗାମୀ ଦିନରେ ଅଧିକରୁ ଅଧିକ ଲୋକଙ୍କର ପର୍ଦ୍ଦାଫାସ ହେବ ବୋଲି ଆକଳନ କରାଯାଉଛି । ତେବେ ନିଜ ସମ୍ପତି ଲୁଚାଇବା ସହ ଟିକସ ଫାଙ୍କିବାକୁ ବିଦେଶରେ ଟଙ୍କା ରଖୁଥିଲେ ଏଭଳି ପ୍ରତିଷ୍ଠିତ ବ୍ୟକ୍ତି । ତେବେ ଟିକସ ଫାଙ୍କୁଥିବା ଲୋକଙ୍କ ପାଇଁ କଡା ଆଇନ ହେଲେ ହିଁ ଏଭଳି କଳା କାରନାମାକୁ ରୋକିପାରିବା ବୋଲି କହିଛନ୍ତି ବିଶେଷଜ୍ଞ । ଜୋର୍ଡନର ରାଜା , ୟୁକ୍ରେନ , କେନିୟା , ଇକଭାଡୋରର ରାଷ୍ଟ୍ରପତି ଚେକ ରିପବ୍ଲିକର ପ୍ରଧାନମନ୍ତ୍ରୀଙ୍କର ନା ମଧ୍ୟ ଏଥିରେ ସ୍ଥାନ ପାଇଛି । ବ୍ରିଟେନର ପୂର୍ବ ପ୍ରଧାନମନ୍ତ୍ରୀ ଟୋନୀ ବ୍ଲେଏରଙ୍କ ନାଁ ପାଣ୍ଡୋରା ପେପର୍ସ ପ୍ରକାଶ କରିଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମରାନ ଖାନ ଓ ତାଙ୍କ ମନ୍ତ୍ରୀମଣ୍ଡଳର ବହୁ ବ୍ୟକ୍ତିଙ୍କରନାଁ ଏହି ତାଲିକାରେ ରହିଛି ।

ସଂଘ ବିରୁଦ୍ଧରେ ଅଶୋଭନୀୟ ଟିପ୍ପଣୀ....

ଷ୍ଟେସନରେ ସୋମବାର ଜାଭେଦ ଅକ୍ତରଙ୍କ ବିରୋଧରେ ଏଫ୍ ଆଇ ଆର ଦେଇଛନ୍ତି । ଗୋଟିଏ ଟିଭି ଚ୍ୟାନେଲର ସାକ୍ଷାତକାର କାର୍ଯ୍ୟକ୍ରମରେ ୭୬ ବର୍ଷୀୟ ଅକ୍ତର ରାଷ୍ଟ୍ରିୟ ସୋୟଂ ସେବକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦକୁ ତାଲିବାନ ସହିତ ତୁଳନା କରିଥିଲେ। । ଏହି ପ୍ରକାର ବୟାନରେ ଅକ୍ତର ଆଇପିସିଧାରା ୪୯୯ (ମାନହାନି) ଓ ୫୦୦ (ମାନହାନି ପାଇଁ ସଜା) ଅପରାଧ କରିଛନ୍ତି ।

ଅରିନ୍ଦମଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୦୪/୦୯ (ନି.ପ୍ର): ଯୁବ ସାମ୍ବାଦିକ ଅରିନ୍ଦମ କେବଳ ସାମ୍ବାଦିକ ମହଲରେ ନୁହେଁ, ଓଡିଶାର ପୁରପଲ୍ଲୀରେ ଏକ ପରିଚିତ ନାମ। ତାଙ୍କର ଖବର ପ୍ରସାରଣ ଶୈଳୀ, ତଥ୍ୟ ସଂଗ୍ରହର ଉତ୍ସୁକତା ଯୁବ ସାମ୍ବାଦିକଙ୍କୁ ବେଶ ପ୍ରଭାବିତ କରିଛି। ତେଣୁ ତାଙ୍କ ସ୍ମୃତିରକ୍ଷା ଲାଗି ଅରିନ୍ଦମଙ୍କ ନାମରେ ଯୁବ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରିବାକୁ ସୋମବାର ତାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ମାଧବାନନ୍ଦ ବେହୁରା, ଅତିରିକ୍ତ ପୁଲିସ ଆୟୁକ୍ତ ଦୀପକ ମିଶ୍ର, ଜଗନ୍ନାଥ ପ୍ରଧାନ, ଅମରେଶ ଜେନା ପ୍ରମୁଖ ଯୋଗଦେଇ ଅରିନ୍ଦମଙ୍କ ସାମ୍ବାଦିକତା ଶୈଳୀ ଓ ଅନନ୍ୟ ପ୍ରତିଭା ସମ୍ପର୍କରେ ଅଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ବୈଶାଖ, ନିରଞ୍ଜନ ରେଡ୍ଡୀ, ଦୀପକ କୁମାର ମହାପାତ୍ର, ଚିଦାନନ୍ଦ ଜେନା, ଦୀପକ ବିଶ୍ୱାଳ, ମନୋରଞ୍ଜନ ମିଶ୍ର, ଦିଲୁ ରାଉତ, ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଫଟୋ ସାମ୍ବାଦିକଙ୍କ ପକ୍ଷରୁ ଜୟଦେବ ଭବନ ନିକଟ ଡଟ କମରେ ମଧ୍ୟ ଅରିନ୍ଦମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଠାରେ ବହୁ ବରିଷ୍ଠ ସାମ୍ବାଦିକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅରିନ୍ଦମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡଟକମର ସଦସ୍ୟ ଧ୍ରୁବ ମିଶ୍ର, ଅସିତ ଶତପଥୀ, ପିୟୁଷ ମହାନ୍ତି, ବିଶ୍ୱନାଥ ସ୍ୱାଇଁ, ସନ୍ତୋଷ ପଣ୍ଡା, ଦୀପକ ମହାପାତ୍ର, ଚଣ୍ଡିପ୍ରସାଦ ରଣସିଂହ, ଜିତେନ୍ଦ୍ର ମହାନ୍ତି, ଭବାନୀ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ପୁଣି ନେହେରୁ ବଙ୍ଗଳା ମୁହାଣରେ ବୁଡିଲା ଡଙ୍ଗା- ୫ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,୦୪/୦୯ (ନି.ପ୍ର): ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମହାନଦୀ-ସମୁଦ୍ର ମୁହାଣରେ ସୋମବାର ଦିନ ପୁଣି ଡଙ୍ଗା ଓଲଟି ପଡିବାରୁ ଘଟଣାସ୍ଥଳରେ ୫ଜଣ ମତ୍ସ୍ୟଜୀବୀ ସେଠାରେ ବୁଡିଯାଇଥିଲେ। ସେମାନଙ୍କୁ ଅନ୍ୟ ମାଛଧରା ଡଙ୍ଗା ଉଦ୍ଧାର କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଗତ ମାସ ୧୯ ତାରିଖ ଦିନ ଠିକ୍ ଏହି ସ୍ଥାନରେ ଏକ ଡଙ୍ଗା ବୁଡିଯିବାରୁ ପାରାଦୀପ ଷଣ୍ଢକୁଦ ବସ୍ତିର ଜଣେ ମତ୍ସ୍ୟଜୀବୀ ବୁଡିଯାଇ ନିଖୋଜ ହୋଇଯାଇଥିଲେ । ଏହି ଘଟଣାର ୯ ଦିନ ପରେ ଗଂଜାମ ଜିଲ୍ଲା ରମ୍ପା ନିକଟସ୍ଥ ସମୁଦ୍ରବେଳାଭୂମି ରୁ ତାଙ୍କର ମୃତ ଦେହ ଉଦ୍ଧାର କରାଯାଇଥିଲା । ସୋମବାର ଦିନ ପ୍ରାୟ ସାଢେ ବାରଟା ସମୟ ରେ ସମୁଦ୍ର କୁ ମାଛ ଧରିବାକୁ ଯାଇଥିବା ମା ମଙ୍ଗଳା ନାମକ ଏକ ମାଛଧରା ଡଙ୍ଗା ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲା । ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରକୁ ଫେରୁଥିବା ସମୟରେ ମୁହାଣ ନିକଟରେ ଡଙ୍ଗାଟି ଓଲଟି ପଡିଥିଲା । ଏହି ଡଙ୍ଗା ରେ ମୋଟ ୫ଜଣ ମତ୍ସ୍ୟଜୀବୀ ଥିଲେ । ଏହା ଦେଖି ମାଛଧରା ବନ୍ଦରରୁ ଅନ୍ୟ ଡଙ୍ଗା ରେ ମତ୍ସ୍ୟଜୀବୀମାନେ ଯାଇ ୫ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ଖବର ପାଇ ପାରଦୀପ ମେରାଇନ୍ ପୋଲିସ୍ ଘଟଣାସ୍ଥଳ ରେ ପହଂଚିଥିଲା । ମୁହାଣ ପୋତି ହେବା ଓ ପାଣି ର ଅନ୍ତସ୍ରୋତ ଯୋଗୁ ବର୍ଷର ବିଭିନ୍ନ ସମୟରେ ଏହି ସ୍ଥାନରେ ଡଙ୍ଗା ବୁଡୁଥିବା ନେଇ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଦିନ ଏହି ଡଙ୍ଗାରୁ ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ହେଲେ ବିଜୟ ବେହେରା(୪୦), ରଂଜନ(୩୦), ଜଗୁଲି ବେହେରା(୨୬) ଓ ଭୀମ ବେହେରା (୪୭୦ ଏମାନେ ସମସ୍ତେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ବୋଲି ଜଣାପଡିଛି । ଉଦ୍ଧାର ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି ।

ସଡକ ଦୁର୍ଘଟଣାରେ ହୋମିଓପ୍ୟାଥି ଡାକ୍ତରଙ୍କ ମୃତ୍ୟୁ

ବସ୍ତା,୦୪/୦୯ (ନି.ପ୍ର): ବସ୍ତା ଥାନା ଷାଠିଏ ନଂ ଜାତୀୟ ରାଜପଥର ମଥାନୀ ବାଇପାସ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ସ୍ଥାନୀୟ ବାସଚକୁରୀ ଗାଁର ଅନନ୍ତ ପାଳଙ୍କ(୬୦) ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ ମୃତ ଅନନ୍ତ ନିଜ ବାଇକ୍ (ଓଡି ୦୧ ଇ୪୧୧୧) ଯୋଗେ ବସ୍ତାରୁ ଘରକୁ ଫେରୁଥିବା ସମୟରେ ମଥାନୀ ବାଇପାସ୍ ନିକଟରେ ପଛପଟୁ ଏକ ମାଲ ବୋଝେଇଥିବା (ଏପି ୧୬ଟିଇ ୩୬୫୮)ନମ୍ବର ଥିବା ଟ୍ରକ ଧକ୍କା ଦେବା ଫଳରେ ଟ୍ରକର ପଛ ଚକତଳେ ମୁଣ୍ଡଟି ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନିକଟରେଥିବା ଲୋକେ ଘଟଣା ସ୍ଥଳକୁ ଆସି ଟ୍ରକକୁ ଅଟକ ରଖାଥିଲେ ।ଖବରପାଇ ବସ୍ତା ଥାନା ଏସ ଆଇ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଶବ ଓ ଟ୍ରକକୁ ଜବତ କରିଛନ୍ତି।କିଛି ସମୟପାଇଁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ପରେ ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ପହଞ୍ଚି ଉତ୍‌ଯକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ତେବେ ଉକ୍ତ ସ୍ଥାନରେ ବରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ସ୍ଥାନୀୟ ଜନସାଧାରଣ ବ୍ୟାରିକେଡ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ମୃତ ଅନନ୍ତ ପାଳ ଜଣେ ଘରୋଇ ହୋମିଓପାଥି ଡାକ୍ତର ଥିବାସ୍ଥଳେ ଜଳକା ପ୍ରୋଜେକ୍ଟ ବଜାର କମିଟି ର ସଭାପତି ଭାବେ ନିୟୋଜିତ ଥିଲେ । ତାଙ୍କ ମୃତ୍ୟୁ ହେବାଖବର ପ୍ରଚାରିତ ହେବାପରେ ବଜାର କମିଟି ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା । ଅପରାହ୍ନରେ ପ୍ରୋଜେକ୍ଟ ମାର୍କେଟରେ ତାଙ୍କ ମର ଶରୀର ପହଁଞ୍ଚିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ଶହ ଶହ ସଂଖ୍ୟାରେ ଲୋକେ ଆସି ତାଙ୍କ ଶେଷ ଦର୍ଶନ କରିବାପରେ ନିଜ ଗାଁ ମଶାଣିକୁ ନେଇଯାଇଥିଲେ । ତାଙ୍କ ମୃତ୍ୟୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ରୋଟାରୀ କ୍ଲବ ଶାଶ୍ୱତର ଅଧିଷ୍ଠାନ ଦିବସ

ବାଲେଶ୍ୱର,୦୪/୦୯ (ନି.ପ୍ର): ରୋଟାରୀ କ୍ଲବ ଶାଶ୍ୱତର ଅଧିଷ୍ଠାନ ଦିବସ ସ୍ଥାନୀୟ ଉଦ୍ୟୋଗ ଭବନଠାରେ ପାଳିତ ହୋଇଯାଇଛି। ଶାଶ୍ୱତର ସଭାପତି ରୋ. ଲକ୍ଷ୍ମୀନାରାୟଣ ମହାନ୍ତି କ୍ଲବର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ଆଗାମୀ ୨୦୨୧- ୨୨ର ସଭାପତି ଭାବେ ଡ. କୁମାର ଗୋପାଳଙ୍କୁ ସେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସମ୍ପାଦକ ରୋ. ବିଜୟ କୁମାର ଦାସ ଓ ୨୧-୨୨ର ସମ୍ପାଦକ ରୋ. ଗୌରୀଚରଣ ଗିରି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ. ହୃଷୀକେଶ ସାହୁ ଏହି ଅଧିଷ୍ଠାନ ଉତ୍ସବରେ ସଭାପତିତ୍ୱ କରିଥିଲେ। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସମାଜସେବୀ ସୁବାସିନୀ ଜେନା, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ଜୀବନ ଦର୍ଶନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଇନର ହୁଇଲ କ୍ଲବ ସଭାପତି ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଓ ସମ୍ପାଦିକା ଭାବେ କଲ୍ୟାଣୀ ନନ୍ଦ ନିର୍ବାଚିତ ହୋଇଥିଲେ। ୬ଜଣ ଶିକ୍ଷୟିତ୍ରୀଙ୍କୁ ନେସନ ବିଲଡର ଆୱାର୍ଡ଼ ପ୍ରଦାନ ସାଙ୍ଗକୁ୧୫ ଜଣ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମାବତୀ ଜେନା, ସତ୍ୟଭାମା ମୁଦୁଲି, ସଞ୍ଜୟ ମହାନ୍ତି, ନଟବର ପ୍ରଧାନ, ଅନନ୍ତ ପ୍ରଧାନ, ଦେବାଶିଷ ଚାଟାର୍ଜୀ ପ୍ରମୁଖ ସହାୟତା କରିଥିଲେ। ବିଜେତା ରଣା ସଞ୍ଚାଳିକା ଭାବରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

୧୩.୦୨ଗ୍ରାମ ବ୍ରାଉନ୍‌ସୁଗାର ଜବତ ସହ ୨ଗିରଫ

ପାରାଦୀପ,୦୪/୦୯ (ନି.ପ୍ର): ପାରାଦୀପ ଅଂଚଳରେ ବ୍ରାଉନ୍‌ସୁଗାରର ଚୋରା ବେପାରର ପେଣ୍ଠସ୍ଥଳୀ ପାଲଟିଥିବା ନେଇ ବହୁ ସମୟରେ ଚର୍ଚ୍ଚା ହେଉଥିବା ବେଳେ ସୋମବାର ଦିନ ଆଦର୍ଶ ଥାନା ପୋଲିସ୍ କୁ ଏକ ବଡ ସଫଳତା ମିଳିଛି। ପାରାଦୀପ ଅଠରବାଙ୍କୀସ୍ଥିତ ବାଲିପୁଟ ରେ ଦୁଇଜଣ ବ୍ରାଉନ୍‌ସୁଗାର ବେପାର କରିବାକୁ ଆସିଥିବା ଖବର ପାଇ ଘଟଣାସ୍ଥଳରେ ପହଂଚିଥିଲା । ସେଠାରେ ଦୁଇଜଣ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ବେଲାପୁର ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ପୁଅ ସୁଧାଂଶୁ ସ୍ୱାଇଁ(୨୯) ଓ ଜଗତସିଂହପୁର ଜିଲ୍ଲା କାଜିମେହାଲା ହରିହରପୁରର ସେକ୍. ଓକିଲ୍‌ଙ୍କ ପୁଅ ସେକ୍ ଫାମୁ ଓରଫ ଫଏମିଦ୍ (୩୩)ଙ୍କୁ ୧୩.୦୨ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଗିରଫ କରିବାରେ ସଫଳ ହୋଇଛି । ଦୁଇ ଅଭିଯୁକ୍ତଙ୍କ ଠାରୁ ଓଡି-୦୪-କ୍ୟୁ-୮୯୩୦ ନମ୍ବର ବିଶିଷ୍ଟ ହୋଣ୍ଡା ମୋଟର ସାଇକେଲ୍ ସହିତ ଦୁଇହଜାର ଚାରିଶହ ଟଙ୍କା ସମେତ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ନେଇ ଆଦର୍ଶ ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି । ଅଭିଯୁକ୍ତମାନଙ୍କୁ ୨୧୬/୨୧ ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଛି । ଅଭିଯୁକ୍ତମାନେ ପୂର୍ବରୁ ବ୍ରାଉନ୍‌ସୁଗାର ବ୍ୟବସାୟରେ ଗିରଫ ହୋଇଥିବା ଲକ୍ଷ୍ମୀପ୍ରିୟା ଭୋଇଙ୍କ

ବାଲେଶ୍ୱର ମଙ୍ଗଳବାର, ୦୫ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

'ପ୍ରଜା ମଣ୍ଡଳ ଆନ୍ଦୋଳନ' ଶୀର୍ଷକ ଆଲୋଚନାଚକ୍ର

ଭଦ୍ରକ,୦୪/୦୯ (ନି.ପ୍ର): ଭଦ୍ରକ ଚରମ୍ପା ସ୍ଥିତ ଚରମ୍ପା ମହାବିଦ୍ୟାଳୟରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ 'ପ୍ରଜାମଣ୍ଡଳ ଆନ୍ଦୋଳନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏହି ଆଲୋଚନା ଚକ୍ରରେ ସ୍ମୃତି ସଂସଦର ସଭାପତି ଡ. ଅମୂଲ୍ୟ କୁମାର ମଲ୍ଲିକ ପୌରୋହିତ୍ୟ କରିଥିଲେ । ଏହି ଆଲୋଚନାଚକ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କିଶୋର କୁମାର ବାସା ମୁଖ୍ୟ ଆଲୋଚକ ତଥା ବିଷୟ ବିଷାରଦ ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଉପସଭାପତି କମଳାକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅଭ୍ୟର୍ଥନା ସମିତିର ସଭାପତି ବ୍ରଜକିଶୋର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ବଳ ମହାବିଦ୍ୟାଳୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଅବଗତ କରାଇଥିବା ବେଳେ ସମ୍ପାଦକ ଡ. ଅମର କୁମାର ଦାସ ସ୍ମୃତି ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ । ଡ. ବାସା ତାଙ୍କ ଅଭିଭାଷଣରେ ପ୍ରଜାମଣ୍ଡଳ ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଇତିହାସ ପଠନ ପ୍ରତି ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ସୃଷ୍ଟି କରିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ପାଠଚକ୍ରର ଅନ୍ୟତମ ବିଷୟ ବିଷାରଦ, ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ବିଭାଗୀୟ ମୁଖ୍ୟା ପ୍ରଫେସର ଡ. ସୋମାରାଣୀ ଚାନ୍ଦ ଓଡ଼ିଶାରେ ପ୍ରଜାମଣ୍ଡଳ ଆନ୍ଦୋଳନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏହା ଭାରତୀୟ ଜାତୀୟ ଆନ୍ଦୋଳନକୁ ଆଗେଇ ନେବାରେ କିପରି ସହାୟକ ହୋଇଥିଲା ପ୍ରକାଶ କରିଥିଲେ । ଏହି ଅବସରରେ ସ୍ମୃତି ସଂସଦ ଦ୍ୱାରା ପ୍ରକାଶିତ ପୁସ୍ତକ 'ଷ୍ଟେଟ୍ ଆଣ୍ଡ ଗଭର୍ଣ୍ଣମେଣ୍ଟ' ଓ ଡ. ରାଇମୋହନ ମହାପାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏସେ ଅନ୍ ହିଷ୍ଟ୍ରି ଆଣ୍ଡ କଲ୍‌ଚର' ଉନ୍ମୋଚିତ ହୋଇଥିଲା । ଚରମ୍ପା ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ମନୋଜ କୁମାର ମହାଳିକ ଓ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପାରେଶ୍ୱର ସାହୁ ପ୍ରଜା ମଣ୍ଡଳ ଆନ୍ଦୋଳନ ଉପରେ ସନ୍ଦର୍ଭ ପାଠ କରିଥିଲେ । ପରିଶେଷରେ ସଂଗଠନ ସମ୍ପାଦକ ପ୍ରାଧ୍ୟାପକ ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ସବ୍‌ରେଜିଷ୍ଟାରଙ୍କ ମୁନମୁଖୀ କାର୍ଯ୍ୟକୁ ବିରୋଧ-ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବଙ୍କ ଠାରେ ଫେରାଦ

ବାଲିଆପାଳ,୦୪/୦୯ (ନି.ପ୍ର): ବାଲିଆପାଳ ସବରେଜିଷ୍ଟାରଙ୍କ ମନମୁଖୀ ତଥା ଦୁର୍ନୀତି ଗ୍ରସ୍ତ କାର୍ଯ୍ୟକଳାପକୁ ଏବେ ସ୍ଥାନୀୟ ଜନସାଧାରଣ ତୀବ୍ର ବିରୋଧ କରିଛନ୍ତି । ଏନେଇ ସେମାନେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବଙ୍କଠାରେ ଫେରାଦ ଦେଇଛନ୍ତି । ସବରେଜିଷ୍ଟାର ଜମିଜମା ଖରଦି ବିକ୍ରି ର ଇସି, ସାର୍ଟିଫାଇଏଡ କପି, ଦଲିଲ ରେଜେଷ୍ଟି ଆଦି କାର୍ଯ୍ୟରେ ସରକାରୀ ନିୟମକୁ ଉଲଂଘନ କରି ଜନସାଧାରଣଙ୍କୁ ହଇରାଣ ହରକତ କରୁଛନ୍ତି । ଫଳରେ ଜମି ଖରଦି ବିକ୍ରି କରିବାକୁ ଆସୁଥିବା ଲୋକମାନେ ବିଭିନ୍ନ ପ୍ରକାର ଆର୍ଥିକ ଓ ମାନସିକ ଦଣ୍ଡ ଭୋଗ କରୁଛନ୍ତି । ସବରେଜିଷ୍ଟାର ଦୀର୍ଘ ୫ ବର୍ଷ ଧରି ଏହି ସବୁ କାର୍ଯ୍ୟ କରିଆସୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ । ସରକାରୀ ନିୟମ ଅନୁସାରେ ଜମି ଖରଦି ବିକ୍ରି ନେଇ ସମସ୍ତ କାଗଜପତ୍ର ଠିକ ଥିଲେ ମଧ୍ୟ ସେ ବିଭିନ୍ନ ପ୍ରକାର ଆଳ ଦେଖାଇ ଲୋକଙ୍କୁ ହଇରାଣ ହରକତ କରୁଛନ୍ତି । ଫଳରେ ଲୋକେ ନିରାସ ହୋଇ ଫେରିଯାଉଛନ୍ତି । ଏଠାରେ ସରକାରଙ୍କ ୫ଟି ନିୟମ ଖୋଲାଖୋଲି ଉଲଂଘନ ହେଉଥିଲେ ମଧ୍ୟ ସେ ସେଥିପ୍ରତି ଭୂକ୍ଷେପ କରୁନାହାନ୍ତି । ସାଧାରଣ ଲୋକମାନେ ଏଥି ଯୋଗୁଁ ଅଯଥା ଅର୍ଥ ବ୍ୟୟ କରି ବିଭିନ୍ନ ସରକାରୀ ଅଫିସକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏହାର ପ୍ରତିକାର ନ ହେଲେ ସୁଶାନ୍ତ ଗିରି,ରାଧାନାଥ ରାଉତ, ଜୟନାରାୟଣ ଦାସ, ଅରୁଣ କୁମାର ପାତ୍ର, ଶିବପ୍ରସାଦ ସିଂ ପ୍ରମୁଖ ଆନ୍ଦୋଳାତ୍ମକ କାର୍ଯ୍ୟପନ୍ଥା କରିବେ ବୋଲି ଚେତାବନୀ ଦେଇଛନ୍ତି । ତେବେ ଏ ବାବଦରେ ସବରେଜିଷ୍ଟାର ଗଦାଧର ସେଠୀଙ୍କ ସହ ଯୋଗା ଯୋଗ କରିବାରୁ ସମସ୍ତ କାର୍ଯ୍ୟ ନିୟମ ଅନୁସାରେ ହେଉଛି ବୋଲି ପ୍ରକାଶ କରିଛନ୍ତି ।

ଝାଡ଼ଖଣ୍ଡରେ ଓଡିଆ ଭାଷାର ସୁରକ୍ଷା ପାଇଁ ସଂକଳ୍ପ
ମୟୂରଭଞ୍ଜ ସାହିତ୍ୟ ପରିଷଦର ଶାରଦୀୟ ବନ୍ଧୁମିଳନ

ବାରିପଦା,୦୪/୦୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ଭାଷା ଓ ସାହିତ୍ୟ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆୟୋଜିତ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟରେ ସଙ୍କଟରେ ପଡିଥିବା ଓଡ଼ିଆ ଭାଷା ସଂପର୍କରେ ଆଲୋଚନା କରାଯାଇ ଏହାର ସୁରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବରିଷ୍ଠ ଚିକିତ୍ସକ ତଥା ସମାଜସେବୀ ଡାଃ କୈଳାଶ ଚନ୍ଦ୍ର ମହାନ୍ତି ଏହି ଘଟଣା ସଂପର୍କରେ ଚିନ୍ତା ପ୍ରକଟ କରିବା ସଙ୍ଗେ ସଙ୍ଗେ ରାଜନୈତିକ ଇଚ୍ଛାଶକ୍ତି ନଥିଲେ ସମସ୍ୟା ସମାଧାନ ସମ୍ଭବ ନୁହେଁ ବୋଲି ମତପ୍ରକାଶ କରିଥିଲେ । ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଓଡ଼ିଆ ଜାଗରଣ ମଞ୍ଚର ସଂପାଦକ ଶରତ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ମହାନ୍ତି ଯୋଗଦେଇ ମୟୂରଭଞ୍ଜ ମାଟିରୁ ପ୍ରତିବାଦର ସ୍ୱର ଦିଲ୍ଲୀ ପର୍ଯ୍ୟନ୍ତ ଶୁଣାଯିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ସଂପାଦକ ମନୋଜ ଦଳବେହେରାଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା ସଂପାନରେ କମଳାକାନ୍ତ ପ୍ରହରାଜ, ଅମିତାଭ ମିଶ୍ର, ନିରଜ ଲୋଚନ ପଣ୍ଡା , ପଣ୍ଡିତ ଭାଗବତ ପଣ୍ଡା, ଡ. ବିଚିତ୍ର ନାଥ ସାହୁ , ଅଜୟ ପାଳ ପ୍ରମୁଖ ଆଲୋଚନା କରିଥିଲେ । ପ୍ରାରମ୍ଭରେ ପରିଷଦର କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ନିକଟରେ ଇହଲୀଳା ସମ୍ବରଣ କରିଥିବା ମୟୂରଭଞ୍ଜର ବିଶିଷ୍ଟ ଭାଷାସାହିତ୍ୟ ଗବେଷକ ଡ଼ ମୋହଲଲାଲ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରିଶେଷରେ କବୟିତ୍ରୀ ପାର୍ବତୀ ବାରିକ ଏବଂ କବି ଶିଉଲାଲ୍ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଡ ପୁଷ୍ପା ପାତ୍ର, ସ୍ନେହାଶିଷ ମହାନ୍ତି, ନିରୁପମା ମହାନ୍ତ, ଜୟନ୍ତ କୁମାର ଦ୍ୱାରୀ ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଇନଟାକର ଐତିହ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଶିବିର ଉଦଯାପିତ

ବାଲେଶ୍ୱର,୦୪/୦୯ (ନି.ପ୍ର): ଇନଟାକ, ବାଲେଶ୍ୱର ଚାପଟାର ଏବଂ ଦିଲୀ ଏଚଇସିଏସ ଶାଖାର ମିଳିତ ସହଯୋଗରେ ସ୍ଥାନୀୟ ହରିପ୍ଲାଜାରେ ଚାଲିଥିବା ଐତିହ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଜିଲାର ବିଭିନ୍ନ ବିଦ୍ୟାଳୟରୁ ୨୧ ଜଣ ଶିକ୍ଷକଙ୍କୁ ଏହି ଶିବିରରେ ଐତିହ୍ୟ, ପରମ୍ପରା ଚିହ୍ନଟ ଓ ଏହାର ସଂରକ୍ଷଣ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରୁ ତାଲିମପ୍ରାପ୍ତ ଶିକ୍ଷକମାନେ ପରବର୍ତ୍ତୀ କାଳରେ ନିଜ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଅବସରରେ ଶିକ୍ଷାର୍ଥୀମାନ ଶ୍ୟାମସୁନ୍ଦର ମନ୍ଦିର ଓ ବ୍ରିଟିଶ ସମାଧିସ୍ଥଳ ପରିଦର୍ଶନ କରିଥିଲେ । ପରିଦର୍ଶନ ସ୍ଥଳରେ ବିଶ୍ୱନାଥ ରଣା, ହରେନ ରଣା, ଅର୍ଚ୍ଚନା ନନ୍ଦୀ ଉପସ୍ଥିତ ରହି ମାଗଦର୍ଶନ କରିଥିଲେ । ଉଦଯାପନ ଉତ୍ସବରେ ଆବାହକ ଉଦୟ ରଞ୍ଜନ ଦାସ ଓ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଆଗାମି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଦେଇଥିଲେ । ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଅଲିଭା ଦାସ, ଯଶୋଦାନନ୍ଦନ ଆସ, ସତ୍ୟନାରାୟଣ ନନ୍ଦ, ଅଖୁଳ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

'ଶୋଭା' ତରଫରୁ 'ହାଇଫର' ସହଯୋଗରେ ଦେଶୀ କୁକୁଡ଼ା ଜୈବ ସୁରକ୍ଷା ଗ୍ରାମ ଉଦ୍‌ଘାଟିତ

ଉଦଳା,୦୪/୦୯ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା' ତରଫରୁ 'ହାଇଫର' ସହଯୋଗରେ ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ଉଦଳା ବ୍ଲକ ଅନ୍ତର୍ଗତ ତେନ୍ତଳା ଗ୍ରାମଠାରେ ରାଉଣ୍ଡ ଟେବୁଲ ବୈଠକ ଏବଂ ଦେଶୀ କୁକୁଡ଼ା ଜୈବ ସୁରକ୍ଷା ଗ୍ରାମର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ପଅତି ରଂଜନ ପଟ୍ଟନାୟକ, ଉଦ୍ୟାନ ବିଭାଗର ଏଏଚଓ ସ୍ୱର୍ଣ୍ଣମୟୀ ସିଂ, କୃଷି ବିଭାଗର ଭିଏଲଡ଼ବ୍ଲୁ ମାଧବାନନ୍ଦ ସାହୁ, ଭେଟେନାରୀ ବିଭାଗର ଆସିଷ୍ଟାଣ୍ଟ ଭିଏସ୍ ଗିରିଜା ଶଙ୍କର ଏବଂ ଶୋଭାର ସମ୍ପାଦକ ରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଥମେ ସମସ୍ତ ଅତିଥିଙ୍କୁ 'ଶୋଭା' ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହାପରେ ତେନ୍ତଳା ଗ୍ରାମର ୨୦ଜଣ ହିତାଧିକାରୀଙ୍କୁ କୁକୁଡ଼ାଚାଷ କରିବା ପାଇଁ ନମୁନା କୁକୁଡ଼ା ଗୃହ ପ୍ରଦାନ କରାଯାଇଥିଲା । ଉପଯୁକ୍ତ ଜ୍ଞାନ କୌଶଳ ବ୍ୟବହାର କରି କିଭଳି ଆଗାମୀ ଦିନରେ କୁକୁଡ଼ା ରୋଗ କମ୍ ହୋଇପାରିବ ଏବଂ ଚାଷୀ ମାନେ ନିଜର ଆର୍ଥିକ ଅଭିବୃଦ୍ଧି କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଉକ୍ତ ଗ୍ରାମ କୁକୁଡ଼ା ଚାଷ ପାଇଁ କିଭଳି ଅନ୍ୟ ମାନଙ୍କର ଉଦାହରଣ ପାଲଟି ଯିବ ସେ ବିଷୟରେ ଅତିଥି ମାନେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ନିରନ୍ତର ଭାବେ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ସହିତ ଯୋଗାଯୋଗ କରି ପରିବାରର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଶେଷରେ ଶୋଭାର ସଂପାଦକ ରଂଜନ ମିଶ୍ର ହାଇଫର ଇଣ୍ଟରନ୍ୟାସନାଲ ସହଯୋଗରେ ବିଗତ ଦୁଇ ବର୍ଷ ଧରି ଉଦଳା ବ୍ଲକର ୪୪୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ଏଚଏଚଆଇ ପ୍ରଜେକ୍ଟ ମାଧ୍ୟମରେ କିଭଳି ଉନ୍ନତି ହୋଇଛି ଏହାର ବିସ୍ତୃତ ବିରଣୀ ଉପସ୍ଥାପନ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

'ସାଇ ମେଡିସିନ ଷ୍ଟୋର' ଉଦ୍‌ଘାଟିତ

ବାଲେଶ୍ୱର,୦୪/୦୯ (ନି.ପ୍ର): ବାଲେଶ୍ୱର ସହରର ନୂତନ ଔଷଧାଳୟ 'ସାଇ ମେଡିସିନ ଷ୍ଟୋର' ଏଡିଏମ ଛକ ନିକଟ ବିସି ସେନ ରୋଡ଼ରେ ସୋମବାର ଉଦଘାଟିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ତଥା ଔଷଧ ଚାହିଦା ପୂରଣରେ ସାଇ ମେଡିସିନ ଷ୍ଟୋର ବେଶ ସହାୟକ ହେବ ବୋଲି ଶ୍ରୀମତୀ ଜେନା ଆଶା ପ୍ରକାଶ କରିଥିଲେ । ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ମୁଖ୍ୟ ଶିକ୍ଷାବିତ ସୁଧାଂଶୁ ଶେଖର ପଣ୍ଡା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । 'ସାଇ ମେଡିସିନ ଷ୍ଟୋର'ର ସତ୍ତ୍ୱାଧିକାରୀ ଡାକ୍ତର ଅରୁଣ କୁମାର ସାହୁ ଏହି ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ପୂର୍ବରୁ ଡାକ୍ତର ସାହୁଙ୍କର ସାଇ ଭିଜନ ନାମରେ ଏଠାରେ ଏକ ଚକ୍ଷୁ ଚିକିତ୍ସା କେନ୍ଦ୍ର ମଧ୍ୟ ରହିଛି ।

କବି ବୀରେନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ବିଶିଷ୍ଟ କବି ବୀରେନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ (୯୧)ଙ୍କ ପରଲୋକ ହୋଇଯାଇଛି । ଛାତିରେ କଫ ଜମିଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧିଦନ ଥାଇ ବିଧିର ବିଧାନରେ ଡାକ୍ତର ତାଙ୍କୁ ତା'୨୦.୦୯.୨୦୨୧ରିଖ ଦିନ ୨.୧୦ ମିନିଟ୍‌ରେ ମୃତ ଘୋଷଣା କରିଥିଲେ । ଅନେକ ବରିଷ୍ଠ ସାହିତ୍ୟିକ, ଲେଖକ କବି ଓ ଶୁଭେଚ୍ଛୁ ବୃନ୍ଦ ତାଙ୍କୁ ଶେଷ ଦର୍ଶନ କରିବା ପରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଜ୍ୟେଷ୍ଠ ପୁତ୍ର ଜ୍ୟୋତିଶ ଚନ୍ଦ୍ର ମହାନ୍ତି ମୁଖାଗ୍ନି ଦେଇଥିବା ବେଳେ, ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । କବି ବିରେନ୍ଦ୍ର ୦୧.୦୧.୧୯୩୦ ମସିହା ଭଦ୍ରକ ଜିଲ୍ଲା ଜଗନ୍ନାଥପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱରରୁ ବି.ଏ. ପାସ୍ କରିବା ପରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ବିଭିନ୍ନ ଜିଲ୍ଲା ଶିକ୍ଷା କେନ୍ଦ୍ର ଅଧିନରେ ଶିକ୍ଷା ପ୍ରମୋଶନ୍ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରି ବାଲେଶ୍ୱର ଜିଲ୍ଲା ଶିକ୍ଷା କେନ୍ଦ୍ରରୁ ଶିକ୍ଷା ପ୍ରମୋଶନ୍ ଅଫିସର ଭାବେ ଅବସର ନେଇଥିଲେ । କବିଙ୍କର ଲିଖିତ ପୁସ୍ତକ (୧) ଏ-ମୋର କଳୀ, (୨) ଏ ମୋର ତୂଳୀ, (୩) ଜୀବନ ଶଙ୍ଖାଳି, (୪) ଭଜନ ରସାମୃତ, (୫) ଇଂରାଜୀ, ଓଡ଼ିଆ ବ୍ୟାକରଣ ଓଡ଼ିଆ ସାହିତ୍ୟ ସମାଜକୁ ଅମୃତର ଦାନ ।

ସହରର ଆଉ ୫ ଗୋଟି ରାସ୍ତାର ନବୀକରଣ ପାଇଁ ଶିଳାନ୍ୟାସ

ବାଲେଶ୍ୱର,୦୪/୦୯ (ନି.ପ୍ର): ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ସହରର ଆଉ ୫ ଗୋଟି ରାସ୍ତାର ନବୀକରଣ ପାଇଁ ସଦର ବିଧାୟକ ସ୍ୱରୂପ କୁମାର ଦାସ ସୋମବାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସହରର ଆଜିମାବାଦସ୍ଥିତ ନୂଆପୋଖରୀ ଛକଠାରେ ଆୟୋଜିତ ପ୍ରଥମ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ଯୋଗଦେଇ ବିବେକାନନ୍ଦ ମାର୍ଗର ନୀଲମ ମୋଟର୍ସଠାରୁ ନର୍ଥ ହଷ୍ଟେଲ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ । ଆଗାମୀ ଦିନରେ ମୋଟ ୪୦ କୋଟି ଟଙ୍କାର ରାସ୍ତା ନବୀକରଣ କାର୍ଯ୍ୟ ହେବ ବୋଲି ସେ ସୂଚନା ଦେଇଥିଲେ । ୧୧କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ ୪.୫ କିଲୋମିଟର ରସ୍ତାର ନବୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବ ବୋଲି ବିଧାୟକ ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ । ସେହିପରି ମିର୍ଜାପୋଖରୀ ଛକରୁ ମାଣିଖମ୍ବ ହରିସଭା ମଣ୍ଡପ ଦେଇ ଅପର୍ଣ୍ଣା କରଙ୍କ ଘର ପର୍ଯ୍ୟନ୍ତ ରାସ୍ତା, ଭାସ୍କରଗଞ୍ଜର କେଆର ପଟ୍ଟନାୟକ ରୋଡ଼ରୁ ଭାସ୍କରଗଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତ, ସହଦେବଖୁଣ୍ଟା ଫାଣ୍ଡିରୁ ଚାନ୍ଦମାରୀ ପଡ଼ିଆ ଏମସିସି ଓ ଏମଆରଏଫ ଛକ ପର୍ଯ୍ୟନ୍ତ ରାସ୍ତା ଏବଂ ଶୋଭାରାମପୁର ରେଲୱେ କ୍ରସିଂଠାରୁ ବାଲିଆ କଲଭର୍ଟ ପର୍ଯ୍ୟନ୍ତ ରାସ୍ତା ପାଇଁ ପୃଥକ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଶ୍ରୀ ଦାସ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।

ପାରାଦୀପ ନିକଟସ୍ଥ ଏରସମା ସମୁଦ୍ରକୂଳରେ ମୃତ ସାର୍କ ଉଦ୍ଧାର

ପାରାଦୀପ,୦୪/୦୯ (ନି.ପ୍ର): ପାରାଦୀପ ନିକଟସ୍ଥ ଏରସମା ଉପକୂଳବର୍ତ୍ତୀ ରାମତାରା ଗ୍ରାମ ନିକଟରେ ସମୁଦ୍ରକୂଳରେ ଏକ ସାର୍କର ମୃତଦେହ ମିଳିଛି । ରବିବାର ଦିନ ରାତିରେ ବନବିଭାଗର କର୍ମଚାରୀମାନେ ପ୍ୟାଟ୍ରୋଲିଙ୍ଗ କରୁଥିବା ବେଳେ ଏହି ମୃତ ସାର୍କକୁ ଠାବ କରିଥିଲେ । ମୃତ ସାର୍କ ର ଲମ୍ବ ପ୍ରାୟ ୧୭ ଫୁଟ ଓ ଚଉଡା ୪ ଫୁଟ ହେବ । ତେବେ ସାର୍କ ମୃତ୍ୟୁର ସଠିକ୍ କାରଣ ପାଇଁ ସାର୍କର ମୃତଦେହ କୁ ପରୀକ୍ଷା ପାଇଁ ବନବିଭାଗ ପଠାଇଥିବା ଜଣାପଡିଛି । ସୂଚନାଥାଉକି, ବିଭିନ୍ନ ସମୟରେ ପାରାଦୀପ ଓ ଏହାର ନିକଟସ୍ଥ ସମୁଦ୍ର ବେଳାଭୂମି ରେ ବହୁବାର ବିରଳ ପ୍ରଜାତିର ସାମୁଦ୍ରିକ ପ୍ରାଣୀଙ୍କର ମୃତ ଦେହ ଦେଖିବାକୁ ମିଳୁଛି । ଏହାର କାରଣ ବଡ ବଡ ଜାହାଜ ଓ ମାଛଧରାବୋଟ୍ ରେ ମାଡ ହୋଇ ମୃତ୍ୟୁବରଣ କରୁଥିବା ଅନୁମାନ କରାଯାଏ ।

ବ୍ଲକସ୍ତରୀୟ ମିଶନ ଶକ୍ତି ରଣ ମେଳା ଶିବିରରେ ଅବ୍ୟବ୍